


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 July 2024
Vol.No. 35 ■ No.181 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଆଜି ମହାପ୍ରଭୁଙ୍କ ଘୋଷଯାତ୍ରା



ପୁରୀ, ୦୬/୭ (ନି.ପ୍ର): ରାତି ପାହିଲେ ମହାପ୍ରଭୁଙ୍କ ଘୋଷଯାତ୍ରା। ସେଥିପାଇଁ ରଥ ପ୍ରସ୍ତୁତ। ପଥ ମଧ୍ୟ ପ୍ରସ୍ତୁତ। ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଦଣ୍ଡାୟମାନ ହୋଇଛି ସୁସଜ୍ଜିତ ତିନି ରଥ। ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ସହ ଦଉଡ଼ି ଟାଣି ଜୀବନକୁ କୃତାର୍ଥ କରିବାକୁ ଭକ୍ତପ୍ରାଣ ଉଚ୍ଛନ୍ନ। ବିରଳ ସଂଯୋଗକ୍ରମେ ୫୩ ବର୍ଷ ପରେ ଏଥର ୨ ଦିନ ଧରି ଚାଲିବ ରଥଟଣା। ସେଥିପାଇଁ ସଅଳ ନୀତିକାନ୍ତି ସହ ଶୃଙ୍ଖଳାର ସହ କେମିତି ରଥଯାତ୍ରା ସଂପନ୍ନ ହେବ ତା' ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ। ପଟିଦିଅଁଙ୍କଠାରୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ପହଞ୍ଚିବା ପରେ ଗୋଟିଏ ପରେ ଗୋଟିଏ ରଥକୁ ଟାଣି ନିଆଯାଇଥିଲା ସିଂହଦ୍ୱାର ସମ୍ମୁଖକୁ। ଡାହୁକ ବୋଲିରେ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଆଉ ତା'ପରେ ଶେଷରେ ତାଳଧ୍ୱଜ ରଥକୁ ଟାଣିନେଇଥିଲେ ସ୍ୱେଚ୍ଛାସେବୀ, ସେବାୟତଙ୍କ ସହ ସୁରକ୍ଷାବାହିନୀ। ସେପଟେ କାଳିଆ ସାଆନ୍ତଙ୍କ ଘୋଷଯାତ୍ରାରେ ସାମିଲ ହେବା ପାଇଁ କାହିଁ କେତେଦୂରରୁ ଧାଇଁ ଆସୁଛନ୍ତି ଭକ୍ତ। କଣ୍ଠରେ ମହାପ୍ରଭୁଙ୍କ ଭଜନ। ହାତରେ ମୃଦଙ୍ଗ ସହ ଝାଞ୍ଜ। ରଥାରୂଢ ଚତୁର୍ଦ୍ଧା ମୂରତିଙ୍କୁ ଦର୍ଶନ ସହ ରଥ ଦଉଡ଼ି ଟାଣି ଜୀବନକୁ ଧନ୍ୟ ମଣିବା ପାଇଁ ମାଇଲ ମାଇଲ ବାଟ ଅତିକ୍ରମ କରି ଶ୍ରୀକ୍ଷେତ୍ର ମୁହାଁ ଶ୍ରଦ୍ଧାଳୁ। ଏଥର ବିରଳ ସଂଯୋଗ କ୍ରମେ ୧୯୭୧ ମସିହା ଭଳି ଗୋଟିଏ ଦିନରେ ନବଯୌବନ, ନେତ୍ରୋତ୍ସବ ସହ ଘୋଷଯାତ୍ରା ପଡୁଛି। ତେଣୁ ଏଥର ସଅଳ ▶▶ପୃଷ୍ଠା ୭

## ବଡ଼ଦାଣ୍ଡର ସଫେଇ କାର୍ଯ୍ୟକ୍ରମରେ ଯୋଗଦେଲେ ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ



ପୁରୀ, ୦୬/୭ (ନି.ପ୍ର): ପୁରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ପ୍ରଥମେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଛନ୍ତି। ତାପରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ନିଜେ ମୁଖ୍ୟମନ୍ତ୍ରୀ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତା ଓ ବିଜେପିର ବହୁ ନେତା ଓ କର୍ମୀଙ୍କ ସହ ହାତରେ ଝାଡୁ ଧରି ବଡ଼ଦାଣ୍ଡରେ ଅଳିଆ ସଫେଇ କରିଛନ୍ତି। ବଡ଼ଦାଣ୍ଡର ଏହି ସଫେଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଜେନା, ପୁରୀ ଲୋକସଭା ସଦସ୍ୟ ଡାକ୍ତର ସମ୍ବିତ ପାତ୍ର, ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଦାଣ୍ଡରୁ ▶▶ପୃଷ୍ଠା ୭

## ସୋମବାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛୁଟି

ଭୁବନେଶ୍ୱର, ୦୬/୭ (ନି.ପ୍ର): ସୋମବାର (ଜୁଲାଇ ୮ ତାରିଖ) ବନ୍ଦ ରହିବ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ। ଆଜି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରଥଯାତ୍ରା ପାଇଁ ଏହି ଛୁଟି ଘୋଷଣା କରାଯାଇଛି। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ପୂର୍ବରୁ ରାଜ୍ୟ ସରକାର ୮ ତାରିଖକୁ ଛୁଟି ଘୋଷଣା କରିଥିଲେ। ଏଥର ଶ୍ରୀଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଉଭୟ ୭ ଓ ୮ ତାରିଖରେ ରଥ ▶▶ପୃଷ୍ଠା ୭

## ରତ୍ନ ଭଣ୍ଡାର ଖୋଲିବା ନେଇ ୯ରେ ନିଷ୍ପତ୍ତି: ଡୁପ୍ଲିକେଟ ଚାବିରେ ନ ଖୋଲିଲେ ତାଲା ଭଙ୍ଗାଯିବ

ପୁରୀ, ୦୬/୭ (ନି.ପ୍ର): ରତ୍ନଭଣ୍ଡାର କେବେ ଖୋଲାଯିବ, ସେନେଇ ୯ ତାରିଖରେ ନିଷ୍ପତ୍ତି ନିଆଯିବ। ସେହିପରି ଡୁପ୍ଲିକେଟ୍ ଚାବିରେ ରତ୍ନଭଣ୍ଡାରର ତାଲା ନଖୋଲିଲେ, ତାହାକୁ ଭାଙ୍ଗି ଦିଆଯିବ। ନବ ଗଠିତ ରତ୍ନଭଣ୍ଡାର ଯାଞ୍ଚ କମିଟିର ପ୍ରଥମ ବୈଠକ ପରେ ଆଜି ଏହି ସୂଚନା ଦେଇଛନ୍ତି କମିଟିର ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ। ଜଷ୍ଟିସ ରଥ କହିଛନ୍ତି, ଡୁପ୍ଲିକେଟ ଚାବି ଟ୍ରେଜେରୀରେ ଥିବା ସ୍ପଷ୍ଟ ହୋଇଛି। ୯ ତାରିଖ ବୈଠକରେ ରତ୍ନଭଣ୍ଡାର ଯାଞ୍ଚ କମିଟି ଆଗରେ ଚାବି ଉପସ୍ଥାପନ କରିବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଚାବି ଉପସ୍ଥାପନ ହେଲା ପରେ ରତ୍ନଭଣ୍ଡାର କେବେ ଖୋଲାଯିବ ସେହି ଦିନ ନିଷ୍ପତ୍ତି ହେବ। ବହୁ ଦଶନ୍ଧି ହେଲାଣି ରତ୍ନଭଣ୍ଡାରର ତାଲା ଖୋଲା ଯାଇନାହିଁ। ଯଦି ଉକ୍ତ ଚାବିରେ ନଖୋଲେ, ତା'ହେଲେ ତାଲା ଭଙ୍ଗା ଯିବ। ତାଲା ଭଙ୍ଗାଯାଇ ରତ୍ନଭଣ୍ଡାର ▶▶ପୃଷ୍ଠା ୭









# ବାଲେଶ୍ୱରରୁ ପୁରୀ ରଥଯାତ୍ରା ସ୍ପେଶାଲ୍ ଟ୍ରେନର ଶୁଭାରମ୍ଭ



ବାଲେଶ୍ୱର, ୦୬/୭ (ନି.ପ୍ର): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରୟାସ କ୍ରମେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ରୁ ପୁରୀ ରଥଯାତ୍ରା ସ୍ପେଶାଲ୍ ଟ୍ରେନ ଅନୁମୋଦନ କରିଥିଲେ, ଏହି ଟ୍ରେନଟି (୦୮୩୮୭) ବାଲେଶ୍ୱରରୁ ଆଜି ଓ ୧୪ ତାରିଖ ସନ୍ଧ୍ୟା ୫.୪୦ ମିନିଟ ସମୟରେ ଷ୍ଟେସନ ଛାଡି ପୁରୀରେ ସମ ଦିବସରେ ରାତି ୧୧.୪୫ ମିନିଟରେ ପହଞ୍ଚି, ସେମିତି ଟ୍ରେନଟି (୦୮୩୮୮) ପୁରୀରୁ ୮ ଓ ୧୬ ତାରିଖ ରାତି ୧.୧୫ ମିନିଟ ସମୟରେ ଛାଡ଼ି ପରବର୍ତ୍ତୀ ଦିନ ସକାଳ ୮ଟା ସମୟରେ ବାଲେଶ୍ୱର ପହଞ୍ଚିବ। ଦକ୍ଷିଣପୂର୍ବ ରେଳବାଇ ଅନ୍ତର୍ଗତ ନିଳଗିରି ରୋଡ୍, ଖନ୍ତାପଡ଼ା, ପଣପଣା, ବାହାନଗା ବଜାର, ସୋରୋ, ସବିରା, ମାର୍କୋଣା, ରାଣିତାଲ୍ ଷ୍ଟେସନରେ ଟ୍ରେନଟିର ରହଣି ରହିଛି। ଉକ୍ତ ଟ୍ରେନଟିକୁ ଆଜି ସନ୍ଧ୍ୟା ୫.୪୦ ମିନିଟ ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ ସବୁଜ ପତାକା ଦେଖାଇ ଟ୍ରେନର ଶୁଭାରମ୍ଭ କରାଇଥିଲେ। ଉକ୍ତ ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ ପୁଷ୍ଟି, ଜଳେଶ୍ୱର ଗଣମାଧମ ସଂଯୋଜକ ସୁକୁମାର ରଣା, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଗୌରାଙ୍ଗ ଦାସ, ସୁବୋଧ ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ସାହା, ସୁରଝଙ୍କାର ସେଠୀ, ସୀତାକାନ୍ତ ସ୍ୱାଇଁ, କଳ୍ପଲତା ବେହେରା ଏବଂ ରେଳ ବିଭାଗରେ ଗତିଶକ୍ତି ଉ.ଚ.ଗ ଅଖିଳେଶ କୁମାର, ଝଜ ଉରଘ ବିଶ୍ୱଜିତ ଘୋଷ, ଝଜ ଉଡଗ ଆଲୋକ କ୍ରୀଷ୍ଣ, ଝଜ ଉରର (ଏ) ବିନୟ କୁମାର କିସ୍କୁ, ଇଉରଘ ପ୍ରତୀକ କୁମାର ଉପସ୍ଥିତ ଥିଲେ।

# ଡବଲ୍ ଏନକାଉଣ୍ଟର: ୪ ଆତଙ୍କୀ ସଫା, ୨ ଯବାନ ସହୀଦ



ନୂଆଦିଲ୍ଲୀ, ୦୬/୭ : ଜମ୍ମୁ-କଶ୍ମୀର କୁଲଗାମରେ ଆଜି ଡବଲ ଏନକାଉଣ୍ଟର ହୋଇଛି। ଦୁଇଟି ସ୍ଥାନରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୪ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ସେମାନଙ୍କ ମୁକାବିଲା କରି ୨ ଜଣ ଯବାନ ସହିଦ ହୋଇଛନ୍ତି। ଏବେ ବି କୁଲଗାମର ଉଭୟ ସ୍ଥାନରେ ଗୁଳି ବିନିମୟ ଜାରି ରହିଛି। ସେନା ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ସୂଚନା ଅନୁସାରେ, କୁଲଗାମ ଜିଲ୍ଲାର ଫ୍ରସାଲ ଅଞ୍ଚଳ ଅନ୍ତର୍ଗତ ଚାନିଗାମରେ ହୋଇଥିବା ଏନକାଉଣ୍ଟରରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ୪ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ଏରିଆ କମାଣ୍ଡର ରହିଛି। ଏମାନଙ୍କ ଲିଙ୍କ ପାକିସ୍ତାନରେ ସକ୍ରିୟ ଆତଙ୍କୀ ସଂଗଠନ ଲସ୍କର ସହ ଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ସେହିପରି ଏଠାରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ଏବେ ବି ସେଠାରେ ସର୍ଚ୍ଚ ଅପରେସନ ସହ ଗୁଳି ବିନିମୟ ଜାରି ରହିଛି। ଏହାପୂର୍ବରୁ କୁଲଗାମର ମୋଡେରଗାମ ଗାଁରେ କିଛି ଆତଙ୍କବାଦୀ ଲୁଚି ରହିଥିବା ପ୍ରଥମେ ଖବର ମିଳିଥିଲା। ଏହାପରେ ସିଆରପିଏଫ, ଆର୍ମି ଓ ସ୍ଥାନୀୟ ପୁଲିସ୍ ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ସୁରକ୍ଷାକର୍ମୀମାନେ ବେଶ ସତର୍କତାର ସହ ଗାଁରେ ପହଞ୍ଚିବା ସହ କର୍ଡନ କରିଥିଲେ। ଏକଥା ଆତଙ୍କବାଦୀମାନେ ଜାଣିବା ମାତ୍ରେ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ସୁରକ୍ଷାକର୍ମୀମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ବେଶ କିଛି ଘଣ୍ଟାର ଗୁଳିବିନିମୟ ମଧ୍ୟରେ ଜଣେ ଯବାନଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ତାଙ୍କୁ ତୁରନ୍ତ ସେଠାରୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେଠାରେ ୨ରୁ ୩ ଜଣ ଲସ୍କର ଲୁଚି ରହିଥିବା କୁହାଯାଉଛି। ତେଣୁ ସେଠାରେ ମଧ୍ୟ ଗୁଳି ବିନିମୟ ଏବେ ବି ଜାରି ରହିଛି।

# ସିଲ୍ ହେଲା ଚାଣକ୍ୟ ହସ୍ପିଟାଲ

ଭୁବନେଶ୍ୱର, ୦୬/୭ (ନି.ପ୍ର): ବିନା ପଞ୍ଜୀକରଣରେ ଚାଲୁଥିବା କଟକ ରାଣୀହାଟ ସ୍ଥିତ ଚାଣକ୍ୟ ହସ୍ପିଟାଲକୁ ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗ। ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ଆଜି ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଚାଣକ୍ୟ ହସ୍ପିଟାଲରେ ପହଞ୍ଚି ସରଜମିନ ତଦନ୍ତ ପରେ ସିଲ୍ କରିଛନ୍ତି। ସେପଟେ ସିଡିଏ ନିୟମ ମୁତାବକ ବିଲଡିଂର ନିର୍ମାଣ ହୋଇନଥିବାରୁ ସର୍ବକ୍ଷମା ଯୋଜନାରେ ବିଲଡିଂକୁ ଅନୁମିତ ମିଳିଲା। ତେଣୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଥିବାରୁ ପଞ୍ଜୀକରଣର ହୋଇପାରିନଥିଲା ବୋଲି ସଫେଇ ଦେଇଛନ୍ତି ମାଲିକ। ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଉଲ୍ଲଂଘନ କରୁଥିବା ଏହି ହସ୍ପିଟାଲକୁ ସିଲ କରିବା ପାଇଁ କିଛି ଦିନ ତଳେ ଜାତୀୟ ମାନବ ଅଧିକାର କମିଶନ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ମସିହାରେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବାବଲପୁର ଗାଁର କିଶୋର ଚନ୍ଦ୍ର ଦାଶଙ୍କର ଏହି ହସ୍ପିଟାଲରେ ଚିକିତ୍ସା ଚାଲିଥିବା ସମୟରେ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ପରେ ଏ ନେଇ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ମାମଲା ଦାୟର ହୋଇଥିଲା।

# ଜୁଲାଇ ୨୩ରେ କେନ୍ଦ୍ର ବଜେଟ



ନୂଆଦିଲ୍ଲୀ, ୦୬/୭ : ଜୁଲାଇ ୨୩ରେ ଉପସ୍ଥାପନ ହେବ କେନ୍ଦ୍ର ବଜେଟ। ୨୦୨୪-୨୫ ବର୍ଷ ପାଇଁ ଆସିବ ପୂର୍ଣ୍ଣ ଆର୍ଥିକ ବଜେଟ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିବେ। ଏନେଇ ସଂସଦୀୟ ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ମୋଦି ସରକାରଙ୍କ ତୃତୀୟ ପାଳିର ଏହା ହେବ ପ୍ରଥମ ବଜେଟ ଅଧିବେଶନ। ଏହା ପୂର୍ବରୁ ଦ୍ୱିତୀୟ ପାଳିର ଅନ୍ତିମ କାମଚଳା ବଜେଟ ଫେବ୍ରୁଆରୀରେ ବସିଥିଲା। ଏକ୍ସ ପୋଷ୍ଟରେ ରିଜିଜୁ କହିଛନ୍ତି ଯେ, ଆସନ୍ତା ୨୩ରୁ କେନ୍ଦ୍ରର ପୂର୍ଣ୍ଣ ଆର୍ଥିକ ବଜେଟ୍ ଉପସ୍ଥାପନ ହେବ। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୨୨ରୁ ସଂସଦ ଅଧିବେଶନ ଆରମ୍ଭ ହେବ ଏବଂ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଷ୍ଟାଦଶ ଲୋକସଭାର ପ୍ରଥମ ବଜେଟ ଉପସ୍ଥାପନ କରିବେ। ଏହା ସାଙ୍ଗକୁ ସେ ମଧ୍ୟ କ୍ରମାଗତ ଭାବେ ସପ୍ତମ ଥର ପାଇଁ ବଜେଟ ଉପସ୍ଥାପନ କରିବେ। ଏପରି କରିବାରେ ସୀତାରମଣ ପୂର୍ବତନ ଅର୍ଥମନ୍ତ୍ରୀ ମୋରାର୍ଜି ଦେସାଇଙ୍କ ରେକର୍ଡ ଭାଙ୍ଗି ପ୍ରଥମ ଭାରତୀୟ ଅର୍ଥମନ୍ତ୍ରୀ ହେବେ।

# ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ




ଲଙ୍ଗଳେଶ୍ୱର , ୦୬/୭ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ଶନିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଫିସ ସମ୍ମୁଖ ଭାଗ ପଡିଆରେ ବିଭିନ୍ନ ପ୍ରକାର ଗଛର ଚାରା ରୋପଣ କରାଯାଇଛି । ବନପାଳ ହୃଷିକେଶ ପ୍ରଧାନ, ବନରକ୍ଷୀ ସାଗରିକା ସିଂ, ରାମେଶ୍ୱର ମୁର୍ମୁ, ମନୋଜ ଧଡାଙ୍କ ସମେତ ବନ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅତିଥି ଭାବରେ ବଶିଷ୍ଟ ସାମ୍ବାଦିକ କୃପାସିନ୍ଧୁ ପଣ୍ଡା, ରବିରଞ୍ଜନ ତ୍ରିପାଠୀ, ଦିଲ୍ଲିପ କୁମାର ଜେନା ପ୍ରମୁଖ ଯୋଗଦେଇ ଥିଲେ। ବୃକ୍ଷ ରୋପଣ ଦ୍ୱାରା ପରିବେଶ ସନ୍ତୋଳିତ ରହିବା ସାଙ୍ଗକୁ ବୃଷ୍ଟି ପାତ ସ୍ୱାଭାବିକ ହୋଇ ଥାଏ ବୋଲି ଅତିଥିମାନେ କହି ଥିଲେ।ଏହି ଅବସର ରେ ୭୫ ତମ ବନ ମହୋତ୍ସବ ପାଳିତ ହୋଇ ଥିଲା।

# ଗୁଜରାଟରେ ନରେନ୍ଦ୍ର ମୋଦି ଓ ବିଜେପିକୁ ହରାଇବା ନେଇ ଦମ୍ଭୋକ୍ତି କଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୦୬/୭ : ଲୋକସଭା ନିର୍ବାଚନରେ ଆଶା ଠାରୁ ଭଲ ପ୍ରଦର୍ଶନ କରିଥିବା କଂଗ୍ରେସ ଏବେ ଗୁଜରାଟରେ ବିଜୟୀ ନେଇ ଦମ୍ଭୋକ୍ତି କରିଛି। ଉତ୍ତର ପ୍ରଦେଶର ଅଯୋଧ୍ୟା ଭଳି ଗୁଜରାଟରେ ନରେନ୍ଦ୍ର ମୋଦି ଓ ବିଜେପିର ଅନ୍ୟ ନେତାମାନଙ୍କୁ 'ଆମେ ହରାଇବୁ' ବୋଲି ରାହୁଲ ଗାନ୍ଧି କହିଛନ୍ତି। ଅହମଦାବାଦରେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଛନ୍ତି, "ଆମେ ଏକାଠି ସେମାନଙ୍କୁ(ବିଜେପି) ଗୁଜରାଟରେ ହରାଇବାକୁ ଯାଉଛି। ଯେମିତି ଅଯୋଧ୍ୟାରେ ଆମେ ସେମାନଙ୍କୁ ହରାଇଥିଲୁ, ଠିକ ସେହିପରି ଗୁଜରାଟରେ ନରେନ୍ଦ୍ର ମୋଦି ଓ ବିଜେପିକୁ ହରାଇବୁ।" ରାହୁଲ ଗାନ୍ଧି କହିଛନ୍ତି, "ଏୟାରପୋର୍ଟ ନିର୍ମାଣ ବେଳେ ଅଯୋଧ୍ୟାର ଚାଷୀମାନେ ସେମାନଙ୍କ ଜମି ହରାଇଥିଲେ। ରାମ ମନ୍ଦିର ଉଦଘାଟନ ବେଳେ ଅଯୋଧ୍ୟାର କାହାକୁ ନିମନ୍ତ୍ରଣ କରାଯାଇ ନଥିଲା। ଏଥିପାଇଁ ଅଯୋଧ୍ୟାର ଲୋକ ଖପ୍ପା ହୋଇଥିଲେ। ଯେଉଁ ଅଭିଯାନ ଆଡଭାନୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଓ ଯାହାର କେନ୍ଦ୍ର ଅଯୋଧ୍ୟା ଥିଲା, ଇଣ୍ଡିଆ ମେଣ୍ଟ ଉକ୍ତ ଅଭିଯାନକୁ ଅଯୋଧ୍ୟାରେ ପରାସ୍ତ କରିଛି।" ସାଧାରଣ ନିର୍ବାଚନରେ ବିଜେପି କାହିଁକି ଅଯୋଧ୍ୟାରେ ହାରିଲା, ସେକଥା ମଧ୍ୟ ରାହୁଲ ଗାନ୍ଧି କହିଛନ୍ତି। ସେ କହିଛନ୍ତି, "ପ୍ରଥମତଃ ରାମ ମନ୍ଦିର ପାଇଁ ଅଯୋଧ୍ୟାରେ ଥିବା ଅଞ୍ଚଳକୁ ସଫା କରିବା ଉଦ୍ଦେଶ୍ୟରେ ଲୋକଙ୍କ ଠାରୁ ଜମି ନିଆଯାଇଥିଲା। କିନ୍ତୁ ଆଜିକା ଦିନକରେ ମଧ୍ୟ ନରେନ୍ଦ୍ର ମୋଦି ସରକାର ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିନାହାନ୍ତି। ଦ୍ୱିତୀୟତଃ ଅଯୋଧ୍ୟାରେ ଅନ୍ତର୍ଜାତୀୟ ଏୟାରପୋର୍ଟ ପାଇଁ ଚାଷୀଙ୍କ ଜମି ନିଆଯାଇଥିଲା। କିନ୍ତୁ ସେମାନଙ୍କୁ ଠିକ ଭାବେ କ୍ଷତିପୂରଣ ମିଳି ନାହିଁ। ତୃତୀୟ କାରଣ ହେଲା, ରାମ ମନ୍ଦିର ଉଦଘାଟନ ବେଳେ ଅଯୋଧ୍ୟାର ଜଣେ ହେଲେ ବି କେହି ଉପସ୍ଥିତ ନିଥିଲେ। ଏହି କାରଣ ପାଇଁ ଅଯୋଧ୍ୟାରେ ଏନଡିଏ ହାରିଲା ଓ ଇଣ୍ଡିଆ ମେଣ୍ଟ ଜିତିଲା।" ଗୁଜରାଟ ସମ୍ପର୍କରେ ରାହୁଲ ଗାନ୍ଧି କହିଛନ୍ତି, "ଏଠାରେ ସେମାନେ ଯେମିତି ଆମ ଅଫିସଗୁଡ଼ିକ ଭାଙ୍ଗୁଛନ୍ତି, ଆମେ ସେମିତି ତାଙ୍କ ସରକାର ଭାଙ୍ଗିବାକୁ ଯାଉଛୁ। କିନ୍ତୁ ଗୁଜରାଟ କଂଗ୍ରେସରେ କିଛି ଭିନ୍ନ ଦୃଶ୍ୟ ରହିଛି। ସାଧାରଣତଃ ଦୁଇ ପ୍ରକାରର ଘୋଡ଼ା ଅଛନ୍ତି। ଗୋଟିଏ ପ୍ରକାରର ଘୋଡ଼ା ରେସିଂ ପାଇଁ ଓ ଆଉ ଗୋଟିଏ ପ୍ରକାରର ଘୋଡ଼ା ବାହାଘର ପାଇଁ। କଂଗ୍ରେସ ଗତ ନିର୍ବାଚନରେ ରେସ୍ ?ର ଘୋଡ଼ାକୁ ବାହାଘରରେ ଓ ବାହାଘରର ଘୋଡ଼ାକୁ ରେସ୍‌ରେ ଲଗାଇ ଦେଇଥିଲେ। ୨୦୧୭ରେ ଆମେ ୩ ମାସ ପାଇଁ ପରିଶ୍ରମ କରିଥିଲୁ ଓ ରେଜଲ୍ଟ ଭଲ ହୋଇଥିଲା। ଏବେ ଆମ ପାଖରେ ୩ ବର୍ଷ ରହିଛି। ଆମେ ବିଜୟ ସୀମା ଅତିକ୍ରମ କରିବା। ୩୦ ବର୍ଷ ପରେ ଆମେ ଗୁଜରାଟରେ ସରକାର ଗଠନ କରିବାକୁ ଯାଉଛୁ। ମୁଁ, ମୋ ଭଉଣୀ ଓ ଦଳର ସମସ୍ତ ନେତା ଆପଣଙ୍କ ସହ ଛିଡ଼ା ହେବାକୁ ପ୍ରସ୍ତୁତ।"

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ମଙ୍ଗଳପୁର, ୦୬/୭ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ବନ ମହୋତ୍ସବ ସପ୍ତାହ-୨୦୨୪' (ଜୁଲାଇ ୧ରୁ୭) ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୟୁଥ୍ ରେଡକ୍ରସ୍ କାଉନସିଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଜାତୀୟ ସେବା ଯୋଜନାର ଅଧିକାରୀ ଡକ୍ଟର ସମ୍ବିତ କୁମାର ପଳିତା ସେମାନଙ୍କର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ଏକ ଶହ ବୃକ୍ଷଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ସୁଜିତ କୁମାର ଗୋଚ୍ଛାୟତ, ଅଧ୍ୟାପିକା ନିବେଦିତା ମଲ୍ଲିକ୍, ଅନ୍ନପୂର୍ଣ୍ଣା ଜେନା, ଡି.ଇ.ଓ ଭରତ ଚନ୍ଦ୍ର ମାହାନା ଏବଂ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ ।

# ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ: ସହରାଂଚଳ ଓ ଗ୍ରାମାଂଚଳରେ ସରକାରୀ ଜମିକୁ ଜବରଦଖଲ ମୁକ୍ତ କର



ଭୁବନେଶ୍ୱର, ୦୬/୭ (ନି.ପ୍ର): ରାଜ୍ୟର ସହରାଂଚଳ ଓ ଗ୍ରାମାଂଚଳରେ ସରକାରୀ ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବାକୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସହର ଓ ଗାଁରେ ଜବରଦଖଲରେ ଥିବା ସରକାରୀ ଜମିଗୁଡ଼ିକୁ ଚିହ୍ନଟ କରି ପ୍ରଚଳିତ ଆଇନ ଅନୁସାରେ ତାକୁ ଜବରଦଖଲମୁକ୍ତ କରିବାକୁ କୁହାଯାଇଛି । ଏହାସହିତ ଉକ୍ତ ସରକାରୀ ଜମିଗୁଡ଼ିକୁ ତାରବାଡ଼ ଘେରାଇ ତାହା 'ସରକାରଙ୍କ ସମ୍ପତ୍ତି' ବୋଲି ସ୍ପଷ୍ଟ ଭାବେ ଡିସପ୍ଲେ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ରାଜ୍ୟରେ ବହୁ ପରିମାଣର ସରକାରୀ ଜମି ଜବରଦଖଲରେ ରହିଥିବା ନେଇ ଉଚ୍ଚସ୍ତରୀୟ ବୈଠକରେ ସରକାର ଚିନ୍ତା ପ୍ରକଟ କରିଥିବା ସମ୍ପର୍କରେ ଅବଗତ କରାଇଛନ୍ତି । ଭୂସମ୍ବଳର ସୁପରିଚାଳନା ଓ ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଅର୍ଥନୀତିକ କାର୍ଯ୍ୟ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ହେଉଛି ପ୍ରଶାସନର ପ୍ରାଥମିକ କାମ ବୋଲି କହିଛନ୍ତି । ତେବେ ବହୁ ପରିମାଣର ସରକାରୀ ଜମି ଉଭୟ ସହର ଓ ଗାଁରେ ଜବରଦଖଲରେ ରହିଛି । ଯାହାଫଳରେ ବିକାଶମୂଳକ କାର୍ଯ୍ୟ ପାଇଁ ଜମି ଆବଂଟନରେ ସମସ୍ୟା ହେଉଛି । କେତେକ ଜମିରେ ବେଆଇନ ଜବଦରଖଲ ଯୋଗୁ ଆଇନଗତ ସମସ୍ୟା ମଧ୍ୟ ଲାଗି ରହିଛି । ଯାହାକି ଏକ ଚ୍ୟାଲେଞ୍ଜ ପାଲଟିଛି । ତେଣୁ ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ଥିବା ସରକାରୀ ଜମିଗୁଡ଼ିକ ବାସ୍ତବ ସର୍ଭେ କରି ପ୍ରଚଳିତ ଆଇନ ଅନୁସାରେ ସେସବୁକୁ ଜବରଖଲମୁକ୍ତ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଜବରଦଖଲମୁକ୍ତ ହେବାପରେ ଉକ୍ତ ଜମିକୁ ତାରବାଡ଼ ଘେରାଇ ଓ ସେଥିରେ ସରକାରଙ୍କ ସମ୍ପତ୍ତି ଲେଖାଥିବା ଡିସପ୍ଲେ ବୋର୍ଡ ଲଗାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଏଥିପାଇଁ ଜିଲ୍ଲାରେ ଥିବା ପାଣ୍ଠିକୁ ଉପଯୋଗ କରିବାକୁ ଶ୍ରୀ ସାହୁ କହିଛନ୍ତି । ଯଦି ଏନେଇ ପାଣ୍ଠିର ସମସ୍ୟା ଅଛି ତା'ହେଲେ ବିଭାଗକୁ ତୁରନ୍ତ ଜଣାଇବାକୁ ମଧ୍ୟ ସେ କହିଛନ୍ତି । ଏହାକୁ ଅତ୍ୟନ୍ତ ଜରୁରୀ ବୋଲି ବିବେଚନା କରି ପ୍ରତି ୧୫ଦିନରେ ନିର୍ଦ୍ଧାରିତ ଫର୍ମାଟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ବିଭାଗକୁ ନିଶ୍ଚିତ ପଠାଇବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ଉତ୍କଳମଣୀ ଗୋପବଂଧୁ ଦାସଙ୍କ ୯୬ତମ ଶ୍ରାଦ୍ଧାବାର୍ଷିକୀ ପାଳିତ

ଜଳେଶ୍ୱର , ୦୬/୭ (ନି.ପ୍ର): ଉତ୍କଳମଣି ଗୋପବଂଧୁ ସ୍ମୃତି ସଂସଦ, ଜଳେଶ୍ୱର ପକ୍ଷରୁ ସ୍ୱାଧିନତା ସଂଗ୍ରାମୀ, ଲେଖକ, ସଂପାଦକ, ସାମ୍ବାଦିକ, ଶିକ୍ଷକ, ଆଇନଜିବୀ, ଗଣନାୟକ, ସଂସ୍କାରକ, ଅନୁଷ୍ଠାନ ନିର୍ମାତା, ଜନନେତା, ଜନବିଦ୍ୱାନ, ଆଦର୍ଶବାଦୀ ଉତ୍କଳମଣି ଗୋପବଂଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ସଂପାଦକ ତଥା ଆବାହକ ଦିଲ୍ଲିପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଓଷ୍ଟାର ଜିଲା ସଭାପତି ମନୋରଂଜନ ଦାସ ଯୋଗ ଦେଇ ଉତ୍କଳମଣୀ ଗୋପବଂଧୁ ଦାସଙ୍କ ଜୀବନୀ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନ, ଡ. ଅଜିତ୍ ମହାନ୍ତି, ସ୍ୱର୍ଣ୍ଣଲତା ସେଠୀ, ପୂର୍ଣ୍ଣଚନ୍ଦ୍ର ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଛାତ୍ର ନିରୋଜ ମହାନ୍ତି ଓ ପଲ୍ଲବୀ ସେଣ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋପବଂଧୁଙ୍କ ଜୀବନୀ ସଂପର୍କୀତ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ନିରୋଜ ମହାନ୍ତି, ସଂଗୀତ ମହାପାତ୍ର, ଶ୍ରୀୟା ପ୍ରଧାନ, ପଲ୍ଲବୀ ସେଣ, ଅମ୍ବିକା ସାହୁ, ଦୀପିକା ସାସମଲଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୂୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦା ଘୋଷଯାତ୍ରାରେ ସାମିଲ ହେବେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ବାରିପଦା, ୦୬/୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ବାରିପଦା ଶ୍ରୀ ଶ୍ରୀ ହାରିବଳଦେବଜୀଉ ବିଜେ ମହାପ୍ରଭୁଙ୍କର ପବିତ୍ର ଘୋଷଯାତ୍ରା ୨୦୨୪ରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମା ସୁଭଦ୍ରାଙ୍କ ରଥ ଟଣା ପର୍ବରେ ସାମିଲ ହେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିବର୍ଷ ପ୍ରଚଳିତ କାର୍ଯ୍ୟସୂଚୀ ଅନୁସାରେ ପହଣ୍ଡି ପରଦିନ ବାରିପଦାରେ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ; ଏହି ପରିପ୍ରେକ୍ଷୀରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାରିପଦାରେ ପହଂଚି ଅପରାହ୍ନରେ ମା ସୁଭଦ୍ରାଙ୍କ ରଥ ଟଣା କାର୍ଯ୍ୟକ୍ରମରେ ସାମିଲ ହେବେ। ସୂଚନା ଥାଉକି ଚଳିତ ବର୍ଷ ବାରିପଦା ରଥଯାତ୍ରାରେ ମା ସୁଭଦ୍ରାଙ୍କ ରଥ ଟଣା ନୀତିକୁ ୫୦ ବର୍ଷ ସମ୍ପୂର୍ଣ୍ଣ ହେଉଛି। ଏଣୁ ଏହି ନୀତିକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିହିତ କାର୍ଯ୍ୟକ୍ରମ ଦାୟିତ୍ୱ ହାତକୁ ନିଆଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜୁଲାଇ ୨୦୨୪
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୫୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦିବସ ରାତ୍ର ସବୁ ସମୟରେ ମୋ ସ୍ୱାମୀ ଏହିକଥା କହିଥା'ନ୍ତି । ତାଙ୍କ ଭୋଜନ ପରେ ମୁଁ ଶେଯ ପାରିଦିଏ । ଅଯୋଧ୍ୟାର ରାଜଅନ୍ତଃପୁରରେ ଗଜଦନ୍ତ ପଲଙ୍କରେ ଶେଯ ବିଛାଇବା ଠାରୁ ଆରମ୍ଭ କରି ଅରଣ୍ୟର ପର୍ଣ୍ଣକୁଟୀରରେ ପତ୍ର ପୁଷ୍ପର ବିଛଣା ବିଛାଇବା ପର୍ଯ୍ୟନ୍ତ କାର୍ଯ୍ୟ ମୁଁ କରିଥାଏ । ସେ ଶୟନ କଲେ ମୁଁ ତାଙ୍କ ପାଦତଳେ ବସି ପାଦସେବା କରେ । ମୋତେ ଯେତେ ମନାକଲେ ମଧ୍ୟ ମୁଁ ସେ କର୍ମରୁ କେବେବି ବିରତ ହୋଇନାହିଁ ମାଆ। ତାଙ୍କୁ ବୁଝାଇ କହେ ସ୍ୱାମୀ ଏହାହିଁ ତ ପତିବ୍ରତାର ଧର୍ମ। ଏଥିରୁ ଆପଣ ମୋତେ ବଞ୍ଚିତ କରୁଛନ୍ତି କାହିଁକି ? ସୀତାର ଏହି ଗୋଟାଏ ଭିକ୍ଷା ଆପଣ ସବୁଦିନେ ପୂର୍ଣ୍ଣ କରୁଥିବେ ପ୍ରଭୁ । ମୋତେ ଆପଣଙ୍କ ପାଦସେବାରୁ କେବେବି ବଞ୍ଚିତ କରିବେ ନାହିଁ। ମୋତେ କୋଳ କରିନେଇ ସେ କୁହନ୍ତି ଦେବୀ, ବିଧାତା ମୋ ଭାଗ୍ୟରେ ଏତେ ସୁଖ ଦେବେ ତାହା ମୁଁ କେବେବି କଳ୍ପନା କରିନଥିଲି । ତାଙ୍କ ପାଦରେ ଏ ଅଭାଗା ରାମର ଏତିକି ମିନତି ସେ ଯେମିତି ମୋତେ ଏ ସୁଖରୁ ବଞ୍ଚିତ ନକରନ୍ତୁ।

ତାଙ୍କୁ ସେ ସୁଖରୁ ବଞ୍ଚିତ କରିଛି ତୁମ ପାପାଚାରୀ ନରେଶ ରାବଣ । ବନବାସର ଦୁଃଖକୁ ମୋ ସ୍ୱାମୀ କେବେବି ଦୁଃଖ ବୋଲି ମଣୁ ନଥିଲେ । ତାଙ୍କ ପାଖେପାଖେ ଥାଇ, ଆଉ କିଛି କହିନପାରି ମୁଁ ଭୋ ଭୋ କାନ୍ଦନ୍ତେ ମୋତେ କୋଳକୁ ଆଉଜାଇ ନେଇ ତ୍ରିଜଟା କହିଥିଲେ, 'କାନ୍ଦନା ମା ! ସବୁ ତୋ କପାଳ ଲିଖନ । ତୋ ଭଳି ଜଣେ ସତୀ, ସ୍ୱାଧ୍ୱୀ, ପତିବ୍ରତା, ପତି ସୋହାଗିନୀ ନାରୀର ସଂସ୍ପର୍ଶରେ ଆସି ମୋ ଜୀବନ ବି ଧନ୍ୟ ହୋଇଯାଇଛି ମା । ମୋର ଯଦି ସେପରି ଶକ୍ତିଥାନ୍ତା, ତାହେଲେ ଯକ୍ଷ, ରକ୍ଷ, ମାନବ ସମାଜର ସବୁ ନାରୀଙ୍କ ଆଖି ଖୋଲି ଦେଖାଇ ଦିଅନ୍ତି, ଯଦି ନାରୀ ଜନ୍ମ ନେବ ତାହେଲେ ସୀତା ଭଳି ହୋଇ ଜନ୍ମ ନିଅ । ତା ନହେଲେ ତୁମ ନାରୀ ଜନ୍ମ ବ୍ୟର୍ଥ । ତୁ ପ୍ରତ୍ୟହ ଫୁଲରେ ଏଠି ଶେଯ ଶଯାଉ, ହେଲେ ଶୋଉ ମାଟି ଉପରେ । ପ୍ରତ୍ୟହ ତୋ ଖାଇବା ଫଳ ଖଣ୍ଡିଆ ହେଲା ପରେ ତୁ ଖାଉ । ଏ କଥାର ରହସ୍ୟ ମୁଁ ଆଜି ପର୍ଯ୍ୟନ୍ତ ବୁଝିପାରୁ ନଥିଲି ମାଆ, ଆଜି ତୁ ମୋ ଆଖି ଖୋଲିଦେଲୁ ।'

ଆମେ ଦୁଇଜଣ ଏମିତି କଥାବାର୍ତ୍ତା ହେଉଥିବାବେଳେ ମୁଁ ବସିଥିବା ଅଶୋକ ବୃକ୍ଷଟି ଖୁବ୍ ଜୋରରେ ଦୋହଲି ଉଠିଥିଲା । ମନେହେଲା ସତେଯେମିତି ବୃକ୍ଷଟି ଭାଂଗି ତଳେ ଲୋଟିଯିବ । ଆଶ୍ଚର୍ଯ୍ୟ ହୋଇ ତ୍ରିଜଟା ସହିତ ମୁଁ ଉପରକୁ ଅନାଇ ଦେଖେଁ ତ ଅଶୋକ ବୃକ୍ଷରେ ଗୋଟାଏ ବୃହତ୍‌କାୟ କପି ବସି ରାମନାମ ଜପୁଛି। ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ । ଲଙ୍କାରେ ଗୋଟାଏ ମାଙ୍କଡ଼ ମୁଖରେ ରାମନାମ । ଏମିତି ବୃହତ୍ ଶରୀରଧାରୀ କପି ମୁଁ ପୂର୍ବରୁ କେବେ ଦେଖି ନଥିଲି। ତାଙ୍କୁ ଦେଖି ତ୍ରିଜଟା ଚିତ୍କାର କରି ସୈନ୍ୟମାନଙ୍କୁ ଡାକ ପକାଇ କହିଥିଲା, ସୈନ୍ୟମାନେ ଧାଇଁଆସ । ଏ ବିରାଟ କପି କେଉଁଠୁ ଆସିଛି । ଏ ଅଶୋକ ବୃକ୍ଷକୁ ଭାଂଗିଦେବ । ତାକୁ ଧର, ନଚେତ୍ ଶସ୍ତ୍ର ପ୍ରୟୋଗ କରି ମାର ।

ତ୍ରିଜଟାଙ୍କ କଥା ଶୁଣି ମୁଁ କହିଥିଲି ନା ମା ! ତାକୁ ମାର ନାହିଁ । ସେ କେଉଁଠୁ ଆସିଛି । ତା ତୁଣ୍ଡରେ ମୋ ସ୍ୱାମୀଙ୍କ ନାମ । ତାକୁ ତଳକୁ ଡାକି ତା ପରିଚୟ ଆମେ ପଚାରି ବୁଝିବା ।

ସେ ଯଦି ଆମର କିଛି ଅନିଷ୍ଟକରେ ମାଆ ସୀତା ?

ତାଙ୍କ ପାଟିରୁ କଥା ନସରୁଣୁ ଅନ୍ୟ ଜଗୁଆଳି ଅସୁରୁଣୀ ପରିଚାରିକାମାନେ ଧାଇଁ ଆସି କହିଥିଲେ, ସେ ମାଙ୍କଡ଼ ସହିତ ଲାଗନା ମାଆ ତ୍ରିଜଟା । ସେ ଆମ ଅଶୋକ କାନନକୁ ଧ୍ୱଂସ କରିଦେଇଛି । ଯେତେ ଫଳନ୍ତି ବୃକ୍ଷଥିଲା ସେ ସବୁକୁ ଭାଂଗି ଚୁରମାର କରି ଦେଇଛି । ଆମ ଅସୁର ସୈନ୍ୟମାନେ ତାର ପଥରୋଧ କରିବାରୁ, ତାକୁ ଆକ୍ରମଣ କରିବାରୁ ସେ ଅନେକଙ୍କୁ ମାରି ଶେଷ କରିଦେଇଛି । ଏପରି କପି ଆମେ ପୂର୍ବରୁ କେବେ ଦେଖି ନଥିଲୁ । ଏ ଲଙ୍କାଗଡ଼ର ନୁହେଁ, ଏ ଅନ୍ୟ କେଉଁଠୁ ଆସିଛି।

ପରିଚାରିକାଙ୍କ କଥା ଶୁଣି ବୃକ୍ଷରେ ଥାଇ ହସିହସି ସେ କପି କହିଥିଲା, ମୁଁ ତୁମ ଲଙ୍କା କଟକର ନୁହେଁ ଏହା ନିଶ୍ଚିତ । ସମୁଦ୍ର ଆରପଟରୁ ଆସି କ୍ଷୁଧାରେ ମୁଁ ତୁମ ବଗିଚାର ବୃକ୍ଷ ମାନଙ୍କରୁ କିଛି ଫଳ ଭକ୍ଷଣ କରୁଥିଲି । ମୋତେ ତୁମର ଶାସ୍ତ୍ରଧାରୀ ମାନେ ବାଧା ଦେଇ ମୋ ଦେହରେ ଶତଶତ ଶସ୍ତ୍ରାଘାତ କରିବାରୁ ମୁଁ ବାଧ ହୋଇ ତାଙ୍କୁ ଯମପୁରକୁ ପଠାଇ ଦେଇଛି ।

ତା କଥା ଶୁଣି ଅସୁରୁଣୀ ମାନେ କହିଥିଲେ, ବେଶି ଗର୍ବ କରନା କପି । ତୁ ସିନା ଆମର କେତେ ଜଣ ଯୋଦ୍ଧାଙ୍କୁ ମାରି ଦେଇଛୁ, ଏ ଖବର ଆମ ଲଙ୍କପତିଙ୍କ କାନକୁ ଗଲାଣି । ଏବେ ହଜାର ହଜାର ସୈନ୍ୟ ଆସି ତୋତେ ଆକ୍ରମଣ କରିବେ । ତାପରେ ତୋର ଅବସ୍ଥା କ'ଣ ହେବ ଜାଣୁ ତ ?

ତାଙ୍କ କଥା ଶୁଣି ଅଟ୍ଟହାସ୍ୟ କରି କପି ଜଣକ କହିଥିଲା, "ହଜାର ହଜାର ସୈନ୍ୟ କାହିଁକି, ତୁମ ଲଙ୍କାରେ ଥିବା ସମସ୍ତ ସୈନ୍ୟ ସହିତ ତୁମ ଲଙ୍କପତି ରାବଣ ବି ଯଦି ଆସି ମୋ ସହିତ ଲଢ଼ିବ ଲଢ଼ୁ, ଗୋଟାଏ ମୁହୂର୍ତ୍ତରେ ମୁଁ ସମସ୍ତଙ୍କୁ ଶମନ ଭୁବନକୁ ପଠାଇଦେବି । ମୋ ହସ୍ତରେ ଥିବା ଏ ଗଦାକୁ ଦେଖୁଛ ତ ଏଥିରେ ସର୍ବତ୍ର ରାମ ନାମ ଲେଖା ହୋଇଛି । ମୋ ଶରୀରକୁ ଦେଖୁଛ, ସର୍ବାଙ୍ଗରେ ମୋର ରାମନାମ, ଆଉ ମୋ ତୁଣ୍ଡରୁ ସଦା ରାମ ନାମ ଝରୁଛି । ଦାଶରଥି ରାମଙ୍କ ଭୃତ୍ୟ ମୁଁ, ତାଙ୍କ ଭକ୍ତ । ଏ ଲଙ୍କାର କାହାରି ଶକ୍ତି ନାହିଁ ମୋର ପଥରୋଧ କରିବାକୁ ।" ଜୟ ଶ୍ରୀରାମ ଜୟ ଶ୍ରୀରାମ କହି ବାନରଟି ତଳକୁ ଡେଇଁ ପଡ଼ି ଆସି ମୋ ପାଦତଳେ ମଥା ଛୁଆଇଁ ପ୍ରଣାମ କରନ୍ତେ, ମୁଁ ତାକୁ ପଚାରିଥିଲି, କିଏ ତୁମେ ରାମଭକ୍ତ । କେଉଁଠାରୁ ତୁମେ ଆସିଛ ? ମୋ ପ୍ରଭୁ କ'ଣ ତୁମକୁ ମୋ ପାଖକୁ ପଠାଇଛନ୍ତି ? ମୋ କଥା ଶୁଣି ସେ କହିଥିଲେ, ହଁ ମା ଜାନକୀ ! ମୁଁ ଆପଣଙ୍କ ସ୍ୱାମୀଙ୍କ ସେବକ ହନୁମାନ । ପ୍ରଭୁ ମୋତେ ଲଙ୍କାକୁ ପଠାଇଛନ୍ତି ଆପଣ କେଉଁଠାରେ ଅଛନ୍ତି ଠାବ କରିଯିବାକୁ ।

ଏହା କ'ଣ ସତ୍ୟ ହନୁମାନ ।

ଭୃତ୍ୟ କେବେ ପ୍ରଭୁ ପତ୍ନୀଙ୍କ ନିକଟରେ ମିଛ କହିବ ନାହିଁ ମାତା । ମୋ ପ୍ରଭୁ ସତ୍ୟ, ତାଙ୍କ ନାମ ସତ୍ୟ, ତାଙ୍କ କର୍ମ, ଗୁଣ ସବୁ ସତ୍ୟ, ସତ୍ୟ ସତ୍ୟ। ମୁଁ ତାଙ୍କର ସେବକ । ଆପଣଙ୍କୁ ଖୋଜି ଖୋଜି ଆସି ଏହି ଅଶୋକବନରେ ଠାବ କଲି । ମୋ କଥାରେ ଯଦି ଆପଣଙ୍କର ବିଶ୍ୱାସ ନହେଉଛି, ତାହେଲେ ଏହି ନିଅନ୍ତୁ ପ୍ରଭୁଙ୍କ ହସ୍ତର ରତ୍ନମୁଦ୍ରିକା। ଏହି ସଂକେତଟି ଦେଇ ପ୍ରଭୁ ମୋର ମୋତେ ପଠାଇଛନ୍ତି ଆପଣଙ୍କୁ ଠାବ କରିବାପାଇଁ । ଏହାକହି ସେ ବାନର ଜଣକ ମୋ ପ୍ରଭୁଙ୍କ ନାମାଙ୍କିତ ହସ୍ତ ମୁଦ୍ରିକାଟି ମୋ ହାତକୁ ବଢ଼ାଇ ଦିଅନ୍ତେ, ମୁଁ ପ୍ରଭୁ ପ୍ରଭୁ କହି ଲୋଟି ପଡ଼ିଥିଲି ସେହିଠାରେ । (କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪



# ଅଜାତଶତ୍ରୁ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର**

ଯେଉଁମାନେ ଏ ସମାଜରେ ପ୍ରାୟ ସମସ୍ତଙ୍କର ଆଦରଣୀୟ ହୋଇ ପାରିଥାନ୍ତି ସେମାନଙ୍କ ବ୍ୟକ୍ତିତ୍ୱ ଆକଳନ ସମୟରେ ଏହି ଶବ୍ଦଟି ପ୍ରୟୋଗ କରି କୁହାଯାଏ ଯେ 'ସେ ହେଉଛନ୍ତି ପ୍ରକୃତରେ "ଅଜାତଶତ୍ରୁ" । ଅଜାତଶତ୍ରୁର ଅର୍ଥ ହେଲା ଯାହାର ଶତ୍ରୁ ଏପର୍ଯ୍ୟନ୍ତ ଧରଣୀ ବକ୍ଷରେ ଜନ୍ମ ନେଇନାହାନ୍ତି। କିନ୍ତୁ ଏହି ଶବ୍ଦକୁ ଯେଉଁ ଗୌରବ ପ୍ରଦାନ କରାଯାଇଛି ତାହା ଏ ପୃଥିବୀର କାହା ପ୍ରତି ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ହୋଇପାରେ 'ଏହା ଆମ ଚିନ୍ତନ ବାହାରେ' । ଜଣେ ବ୍ୟକ୍ତି ଯେତେ ଭଲ ହୋଇଥାନ୍ତୁନା କାହିଁକି, ଯେତିକି ଲୋକାଦୃତି ଲାଭ କରିଥାନ୍ତୁନା କାହିଁକି ତାଙ୍କର ଯେ କେହି ହେଲେ ବିରୋଧୀ ନାହାନ୍ତି ଏକଥା କେତେଦୂର ପ୍ରମାଣସିଦ୍ଧ ଓ ଅନୁଭବସିଦ୍ଧ ହୋଇପାରେ ? ଓଡ଼ିଆ ଅଭିଧାନରେ ରହିଥିବା ଏହି ନିର୍ଦ୍ଦିଷ୍ଟ ଶବ୍ଦଟି ହୁଏତ କେବଳ ଅଭିଧାନ ମଧ୍ୟରେ ଯତ୍ନର ସହ ସୁରକ୍ଷିତ ହୋଇ ରହିବ କିମ୍ବା ଯେଉଁ ଅଭିଧାନ ସଙ୍କଳକ ହୋଇଥିବେ ଦୃଢ଼ ପ୍ରତିଜ୍ଞ ସେ ଏହାକୁ ନିଜ ସଙ୍କଳନରୁ ବାଦ୍ ଦେଇ ଦେଲେ ତାଙ୍କ ଉପରେ କୌଣସି ଦୋଷାରୋପ କରିବା ଅସାମୀଚୀନ ହୋଇଯିବ ଦିନେନା ଦିନେ।

ପୃଥିବୀରେ ଦେଖାଯାଇଛି ଯିଏ ଯେତେ ଉଚ୍ଚସ୍ତରର ଚେତନାର ଅଧିକାରୀ ସେମାନେ ସବୁଠାରୁ ଅଧିକ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏପରିକି ସେମାନଙ୍କୁ ଶତ୍ରୁ ହାତରେ ଜୀବନ ମଧ୍ୟ ବଳି ଦେବାକୁ ପଡ଼ିଛି। ଯୀଶୁଖ୍ରୀଷ୍ଟ, ମହାତ୍ମାଗାନ୍ଧୀ, ଆବ୍ରାହମ ଲିଙ୍କନ ପ୍ରମୁଖ ବ୍ୟକ୍ତିତ୍ୱ ହେଉଛନ୍ତି ଏହାର କରୁଣ ଉଦାହରଣ। ସମଗ୍ର ଜଗତରେ ଏପରି ଜଣେ ହେଲେ ମଣିଷ ଥିବା ଅସ୍ୱାଭାବିକ, ଯାହାକୁ ନିର୍ବିବାଦରେ ସମସ୍ତେ ଭଲପାଉଥିବେ ନିଶ୍ଚୟ। ମହାତ୍ମାଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡଶେଙ୍କ ପର୍ଯ୍ୟନ୍ତ ଯିବା ପୂର୍ବରୁ ତାଙ୍କ ପରିବାର ମଧ୍ୟକୁ ଦୃଷ୍ଟି ନିକ୍ଷେପ କଲେ ଆମେ ଅନୁଭବ କରିପାରିବା ଯେ ତାଙ୍କର ନିଜ ପୁତ୍ର ହିଁ ଥିଲେ ଗାନ୍ଧିଜୀଙ୍କ ମୁଖ୍ୟ ବିରୋଧୀ। ଯେଉଁମାନଙ୍କ ଜୀବନଦୀପ ଲିଭିଗଲାଣି ଓସେମାନଙ୍କୁ ଷ୍ଟାଚ୍ୟୁର ରୂପ ଦିଆଯାଇ ସାରିଛି ସେମାନଙ୍କର ମଧ୍ୟ ଏଥିରୁ ନିଷ୍କୃତିର ଉପାୟ ନାହିଁ। କିଏ ଗାନ୍ଧିଜୀଙ୍କ ଆଖିକୁ ପଥରଚୋଟରେ ଖଣ୍ଡିଆ ଖାବରା କରିଦେଲାଣିତ କିଏ ପୁଣି ଗଙ୍ଗାଧର ମେହେରଙ୍କ ମାର୍ବଲ ପ୍ରତିମୂର୍ତ୍ତିର ନାକ ଭାଙ୍ଗିଦେଲାଣି। ଚିର ପୂଜ୍ୟ ଦେବଦେବୀଙ୍କ ମଧ୍ୟ ବିକୃତ ଚିତ୍ର ଅଙ୍କନ କରି କିଏ ଚହଳ ପକାଉଛି।

ନିଜସ୍ୱ ଅନୁଭୂତିରୁ ମୁଁ ଉପଲବ୍ଧି କରିଛିଯେ ଅନେକ ସମୟରେ ଗୋଟିଏ ଲେଖା ବିଶେଷ ଆଦୃତି ଲାଭ କରିଥିବା ବେଳେ, ଠିକ୍ ସେହି ଲେଖାଟିକୁ କେବଳ ସୁସ୍ଥ ସମାଲୋଚନା ନୁହେଁ , ଆକ୍ରମଣାତ୍ମକ ଶୈଳୀରେ ତାକୁ ଖଣ୍ଡବିଖଣ୍ଡିତ କରିବାର ଉଦ୍ୟମ କରାଯାଉଛି। ବୋଧହୁଏ ଆମ ସଂସାରରେ ଯିଏ ଆଦୌ ଜନ୍ମ ନେଇନାହାନ୍ତି ସେପରି ଲୋକହିଁ କେହି ଏହି ପଦ ମର୍ଯ୍ୟାଦା ଦ୍ୱାରା ବିଭୂଷିତ ହୋଇପାରନ୍ତି। ତେବେ ଏହାକୁ ମଧ୍ୟ ତର୍ଜମା କଲେ ଦେଖାଯିବ ଯେ, ତାଙ୍କୁ ମଧ୍ୟ ଏପରି ସମାଲୋଚନାରୁ ମୁକ୍ତି ମିଳିନାହିଁ। ଯେଉଁ ନିଃସନ୍ତାନ ଦମ୍ପତି ପୁତ୍ରଲାଭ ପାଇଁ କରୁଥିବେ ନାନା ପ୍ରକାରର ଆୟୋଜନ ସେଠି ଯିଏ ଜନ୍ମ ନନେଲା ସେ ମଧ୍ୟ ଅନ୍ୟର ଦୁଃଖର କାରଣ।

ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କ ପ୍ରିୟଭାଜନ ହେବାର ସ୍ୱପ୍ନଦେଖିବା, ସମସ୍ତଙ୍କ ମଙ୍ଗଳ କାମନା କରୁଥିବା ବ୍ୟକ୍ତି ମଧ୍ୟ ଉପହାସ ଓ ବିଦ୍ରୁପର ଶରବ୍ୟ ହେବାର ଦୃଷ୍ଟାନ୍ତ ଏ ପୃଥିବୀରେ ଗୋଟିଏ ଦୁଇଟି ନୁହେଁ ଲକ୍ଷଲକ୍ଷ ସଂଖ୍ୟାରେ ରହିଛି। ସେସବୁର ବିବରଣୀ ବର୍ଣ୍ଣନା କରିବା ଆମର ଉଦ୍ଦେଶ୍ୟ ନୁହେଁ କିମ୍ବା ତାହାର ପ୍ରୟୋଜନ ମଧ୍ୟ ଅନୁଭବ କରିହୁଏନାହିଁ। କାରଣ ଏହାଏକାନ୍ତ ଭାବରେ ସୁସ୍ପଷ୍ଟଯେ, ଯିଏ ଯେତେ ପବିତ୍ର ଆତ୍ମାର ଅଧିକାରୀ ହୁଅନ୍ତୁନା କାହିଁକି ସେମାନଙ୍କ ବକ୍ଷସ୍ଥଳ ଶତ ସହସ୍ର ଘୃଣାସ୍ତ୍ରରେ ରକ୍ତ ଜର୍ଜରିତ। ବେଳେବେଳେ ଏମିତି ଜଣେ ଜଣେ ଯୁବକଙ୍କ ସହିତ ସାକ୍ଷାତ ହୁଏ ଯେଉଁମାନେ ସ୍ୱତନ୍ତ୍ର ବିହ୍ୱଳତା ପ୍ରକାଶ କରିକୁହନ୍ତି 'ସାର୍, ଅନ୍ୟମାନଙ୍କ ବିରୁଦ୍ଧରେ ମୁଁ ଅନେକ କିଛି ଶୁଣିଛି। କିନ୍ତୁଆପଣଙ୍କୁ କେହି ମନ୍ଦ ବୋଲି କହିବାର କଦାପି କାହାଠାରୁ ହେଲେ ଶୁଣିନାହିଁ। ସେଥିପାଇଁ ଆପଣଙ୍କ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ରହିଛି ସୁଗଭୀର ହୋଇ।' ଏପରି ଯୁବଛାତ୍ର ମୋର ଭୟର କାରଣ। ଅର୍ଥାତ୍ ଅନ୍ୟମାନେ ମୋତେ ଭଲ ବୋଲି କହନ୍ତି ତାହାହିଁ ତାଙ୍କ ଆକର୍ଷଣ କାରଣ। ଏକଦା ଜଣେ ଭଦ୍ରବ୍ୟକ୍ତି ମୋ ନିକଟକୁ ଆସି କହିଲେ ଅମୁକ ତୁମର ଏତିକି ନିନ୍ଦା କରୁଛି ଓ କୁତ୍ସିତ ବାକ୍ୟ ତୁମ ବିରୁଦ୍ଧରେ ଉଚ୍ଚାରଣ କରୁଛି ଯେ ତାହାର କାରଣ ମୁଁ କିଛି ଜାଣି ପାରୁନାହିଁ। ଏତିକି କହି 'କାରଣଟି ମୋ ଠାରୁ ଶୁଣିବା ପାଇଁ ସେ ଅପେକ୍ଷା କଲେ। ମୁଁ କହିଲି ମୋ ଅପେକ୍ଷା ସେହିଁ କହି ପାରିବେ ପ୍ରକୃତ ନିନ୍ଦାର ରହସ୍ୟ। ବିତିଗଲା ଦୁଇତିନି ବର୍ଷ। ସେହି ଭଦ୍ରବ୍ୟକ୍ତି ଆସି ଆନନ୍ଦ ଗଦଗଦ ହୋଇ କହିଲେ 'ଅତି ଆଶ୍ଚର୍ଯ୍ୟ କଥାବାବୁ, ଆପଣଙ୍କ ନାଁ ଶୁଣିଲେ ଯାହାର ନାହି ଡେଉଁଥିଲା ସେ ବର୍ତ୍ତମାନ ଆପଣଙ୍କ ଶ୍ରେଷ୍ଠ ପ୍ରଶଂସକ। ମୁଁ କିଛି ବୁଝିପାରୁନି ବୋଲି ଆସିଛି ଆପଣଙ୍କ ନିକଟକୁ। ମୁଁ ଉତ୍ତର ଦେଲି ଏହା ଯାଇ ତାଙ୍କୁ ପଚାରିଲେ ସେ ସିନା ବୁଝାଇ କହି ପାରିବେ ସନ୍ତୋଷ ଜନକ ଉତ୍ତର। ଏ କ୍ଷେତ୍ରରେ ମୁଁ ନିରୂପାୟ।

ମନୋଜ ଦାସ ତାଙ୍କର କେତେ ଦିଗନ୍ତ ନାମକ ପୁସ୍ତକରେ ଲେଖିଛନ୍ତି ଜଣେ ବୈଜ୍ଞାନିକଙ୍କ ପରୀକ୍ଷା ନିରୀକ୍ଷା ସମ୍ପର୍କରେ। ସେଇ ଗ୍ରାମ ମଧ ଦେଇ ଯେଉଁ ସ୍ୱଚ୍ଛ ନୀରାନଈଟି ପ୍ରବାହିତ ତାହା କିପରି ଏକ ସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରିଛି ତାହା ଦର୍ଶାଇ ଦେବାରୁ ଗ୍ରାମବାସୀ ଉକ୍ତ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦଶବର୍ଷ ସମୟ ହୋଇଗଲା ଅତିକ୍ରାନ୍ତ। ପରିବର୍ତ୍ତିତ ପରିସ୍ଥିତିରେ ବୈଜ୍ଞାନିକ ପ୍ରମାଣ କରି ଦେଖାଇଦେଲେ ଯେ ସେହି ନଈ ସମ୍ପ୍ରତିକି ପରିଦୂଷିତ, ଆବର୍ଜନାମୟ ଓ ଅତ୍ୟନ୍ତ କ୍ଷତିକାରକ। ଏହାଦ୍ୱାରା ପୂର୍ବ ଥର ଯାହା ତାଙ୍କୁ ପ୍ରାପ୍ତ ହୋଇଥିଲା ତାହା ପରିଣତ ହୋଇଗଲା ସମ୍ପୂର୍ଣ୍ଣ ବିପରୀତ ରୂପ ନେଇ। ବୈଜ୍ଞାନିକ ଉକ୍ତ ଗ୍ରାମତ୍ୟାଗ କରିବାକୁ ହୋଇଗଲେ ବାଧ୍ୟ, ବର୍ବର ଆଚରଣର ଶିକାର ହୋଇ।

ତେଣୁ ' ଅଜାତଶତ୍ରୁ' ଶବ୍ଦଟିର ପ୍ରୟୋଗ କିପରି ଅବାସ୍ତବ ତାହା ଏପରି ଅନେକ ଉଦାହରଣରୁ ପ୍ରତିପାଦିତ ହୋଇଯାଏ। ଆଭିଧାନିକ ଅର୍ଥ ଅନୁସରଣ ନକରି ଆମେ ଯଦି ଏହାର ଅର୍ଥ ପରିବର୍ତ୍ତନ କରି ଲେଖିବା ଯେ, ଅଜାତଶତ୍ରୁ ହେଉଛନ୍ତି ସେ, ଯିଏ ଅନ୍ୟ କାହାକୁ ନିଜ ଶତ୍ରୁ ବୋଲି ଭ୍ରମରେ ସୁଦ୍ଧା କେବେହେଲେ ଭାବିପାରନ୍ତି ନାହିଁ। ଯିଏ ତାଙ୍କୁ ପ୍ରଶଂସା କଲା ସେ ଯେପରି ପରମ ମିତ୍ର, ଯିଏ ନିନ୍ଦୁକ ଭୂମିକାରେ ଅବତୀର୍ଣ୍ଣ ସେ ମଧ୍ୟ ତାଙ୍କର ପରମପ୍ରିୟ। ଏଭଳି ବ୍ୟକ୍ତିତ୍ୱର ଅଧିକାରୀ ପୁଣ୍ୟାତ୍ମାଙ୍କୁ ଅଜାତଶତ୍ରୁ ବୋଲି ସମ୍ବୋଧନ କରିବାରେ ରହିଛି ଶବ୍ଦାର୍ଥ ପରିବର୍ତ୍ତନର ଅଭିନବ ଆବିଷ୍କାର, ଆନନ୍ଦାନୁଭୂତି ଓ ମହନୀୟ ପ୍ରଶାନ୍ତି।

❤ ଗଙ୍ଗାଧର-ଶାନ୍ତାସଦନ, କଳିଙ୍ଗନଗର, ଭୁବନେଶ୍ୱର

## କବିତା...



### ॥ ସେ ଋତୁ ଆସିଲେ ॥

**● ସୁକାନ୍ତି ନନ୍ଦ**

ସେ' ଋତୁ ଆସିଲେ
ଅନେକ ଦିନରୁ ପାଣି ପିଇନଥିବା ଭଳି
ହଳଦିଆ ପତ୍ର ସବୁ ଝଡିପଡନ୍ତି
ଗଛରୁ ବୋଝ ବୋଝ
ଶୁଖିଲା ଫୁଲମାନେ ଅଳ୍ପ ଫଟକୁଥିବା ଫୁଲଙ୍କୁ
ମୁହଁ ଓହଳେଇ କୁହନ୍ତି
ଆମ ବେଳ ଆସିଗଲା
ଯାଉଛୁ ବିଦାୟ ।

କି ରାତି କି ଦିନ
ସାନ ଅତି ସାନ ଲାଗେ
କ୍ୟାଲଣ୍ଡର'ର ସରିଯାଇଥିବା ଫର୍ଦ୍ଦ
ଲେଉଟେଇ ଦେଲାବେଳେ
ହାତ ଥୁର୍ ଥୁର୍ ହୁଏ
ଫର୍ଚ୍ଚା ଦିଶେନି ଆକାଶ କେବେ
ଧୂଆଁମୟ ପୃଥିବୀ ଜଣେଇଦିଏ,
ଏ ସବୁ ଆଉ ତୁମର ନୁହେଁ ।

ଲାଗେ ପାହାଡ ଉପରୁ
ଖେଳନା ପେଣ୍ଡୁ ଭଳି ତଳକୁ ଗଡେଇଦିଏ
ତ ସମୁଦ୍ରକୁ ଘୋଷାରିନିଏ
କାହା ଟାଣୁଆ ହାତ
ସାମ୍ନାରେ ଏତେ କୋଳାହଳ
ଲୁହଭର୍ତ୍ତି ଆଖି, କୋହଭର୍ତ୍ତି ଛାତି
ଅଥଚ ଆଗୁଳି ନେବାକୁ
ପ୍ରସ୍ତୁତ କେହି ନଥାନ୍ତି ।

ସ୍ୱପ୍ନରେ ଝଲମଲ ହୁଏ ଅଜଣାରାଜା
ପବନରେ ଭାସୁଥିବା
କେତେଟା ଅଧାଦୃଶ ମୁହଁ
ଛଟ୍‌ପଟ୍ ହେଲେ ଅବା ଚିତ୍କାର କଲେ
ଖୋଲେନି ସୁଡଙ୍ଗ ଦୁଆର
ଅନ୍ଧାର, ପବନ ବଳୟ ଭିତରେ
ଘୂରି ଘୂରି ମନେ ପଡେନି
କୋଉଠି ଛାଡି ଆସିଲ ମୋ ଘର
କିଏ ପର ପୁଣି ଆପଣାର ।

ସେ ଋତୁ ବିଷାଦର
ସେ ଋତୁ ବେଦନାର
ସେ ଋତୁ ଅନ୍ତିମ ଆଳାପର
ଆସିଲେ ଭାଙ୍ଗିଯାଏ ଆଶ୍ୱାସ, ବିଶ୍ୱାସ
ଆଉ ଦମ୍ଭିଲା ପଣର ନଅର
ଶହେ ଅଗ୍ନି ଶିଖାରେ ଆଲୋକିତ ଜୀବନ
ଗୋଟିଏ ଶିଖାରେ ଜଳି ଜଳି
ଲିଭିଯାଏ ଶେଷଥର ।

❤ ଗୁଡିଆ ସାହି, ପୁରୀ
ମୋ: ୯୩୩୭୦୪୮୨୬୩



### ॥ କଣ୍ଟା ॥

**● କ୍ଷମାନିଧି ଭୋଇ**

ତୁମ ଯଦି ଇଚ୍ଛା
କ୍ଷତାକ୍ତ କରିଦିଅ ମୋତେ
ବାରମ୍ବାର
ମୋ ଆପାଦମସ୍ତକ
ଝରୁଥାଉ ରକ୍ତ ଝର
ଧୋଇ ଦେଇ
ଯକିଞ୍ଚିତ ମୋ ପାପ ସକଳ ।

ତିଳେହେଁ ଦୋଷ
ମୁଁ ଦେବିନି ତୁମକୁ
ବରଂ, ଆପଣେଇ ନେବି
ନିର୍ବିରୋଧେ
ନୀରବରେ
ତୁମ ତୀକ୍ଷ୍ଣ ଆଘାତ ସମୂହକୁ ।

ଯଦି ତୁମେ ଖୁସୀ
ମୋ ବେଦନାକୁ ଦେଖି
ମୁଁ କିମ୍ପାଇଁ ଦେବି ବାଧା
ସଂକୁଚିତ ଭାବନା ସାଥେ
ମୋ ଆତ୍ମସ୍ୱାର୍ଥକୁ ଜାବୁଡ଼ି ।

ବରଂ, ମୁଁ ରାସ୍ତା ପରି
ଲମ୍ବିଯିବି ଆହୁରି
ମୋ ଜୀବନର ଶେଷ ସରହଦ ପର୍ଯ୍ୟନ୍ତ
ଯନ୍ତ୍ରଣା ଭିତରେ ଖୋଜି ଖୋଜି
ଜୀବନାମୃତ।

❤ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଦେଓଗାଁ, ଜି: ବଲାଙ୍ଗିର ( ଓଡ଼ିଶା )
ପିନ୍: ୭୬୭୦୨୯
ମୋ: ୯୪୩୮୨୯୨୯୩୩

### ॥ ଜହ୍ନ ॥

**● ଦିନେଶ ମେହେର**



ଏବେ, ତମ ଅନୁପସ୍ଥିତି ଚେତେଇ ଦିଏ
ତମ ବିନା ମୁଁ ଭାରି ଏକା ଏକା !

ତମେ କହିଥିଲ ନା,
ନିଶ୍ୱାସ ରୁ ବିଶ୍ୱାସ ମଧ୍ୟରେ ଥିବା ରାସ୍ତା
କେତେ ଯନ୍ତ୍ରଣା ଆଉ
କେତେ ପ୍ରତାରଣା ରେ ଭର୍ତ୍ତି
ତଥାପି ତମ ନିଶ୍ୱାସ ଚୋରିକରି
ମୁଁ ଏବେ ତମର
ଅତି ଆପଣାର କେହିଜଣେ,

ଜାଣେ, ତମେ ଅଲିଅଳି ରଜାଜେମାଟିଏ,
ଉଆସର ଚାରିକାନ୍ଥ ତମ ପାଇଁ ସ୍ୱର୍ଗ !
ବାହାର ଦୁନିଆ ତମ ପାଦ ତଳେ ସ୍ଥଗିତ,
କିନ୍ତୁ ତମେ ବି ବେଳେବେଳେ
ଭଲପାଇ ପାର,
ହୁଏତ ମତେ ଅବା ଆଉ କାହାକୁ

ତମେ ବି ପ୍ରେମିକାଟିଏ ହେଇପାର,
ରୋମାଣ୍ଟିକ ରାତିରେ ତମେ ବି
ହାତରେ ହାତ ଛନ୍ଦି ନିଜକୁ ହଜେଇ ଦେଇପାର
ପ୍ରେମିକର ଉଷୁମ୍ ନିଶ୍ୱାସ ଭିତରେ !

ତମେ ଜାଣିଛ ?
ତମର ପ୍ରେମିକାପଣ ଦୁନିଆ ଜାଣେନା,
ଦିନେ ଭଲ ପାଉ ପାଉ
ମୁଁ ବି ଖୋଜିଥିଲି ତମ ପ୍ରେମ,
ଆଜି ପାଇଛି ତମକୁ, ତମ ପ୍ରେମକୁ;
ହେଲେ ଠିକ୍ ଜାଣିଛି
ତମେ ବି ପ୍ରେମ କରିପାର
ବଗିଚାର ଫୁଲକୁ, ଫୁଲର ବାସ୍ନା କୁ !

କେଇଦିନ ହେଲାଣି,
ପ୍ରତି ଟି ରାତି ରେ ବଗିଚା ରେ
ତମେ ଫୁଲ ସାଥେ ଖେଳୁଥିବା ମୁହୂର୍ତ୍ତ,
ତମର ସେଇ ସଂପର୍କ ,
ସେଇ ଭଲ ପାଇବା ପରା
ଜହ୍ନ ଠିକ୍ ଜାଣିଛି,
ଏକତରଫା ପ୍ରେମିକ ଟିଏ ହେଇ
ସେ ବି ଆଜି ଅପେକ୍ଷା କରିଛି ତମ ପ୍ରେମକୁ
ସେଇଥିପାଇଁ ତ
ତୁମ ଉପରେ ସବୁ ବେଳେ ନିଘା ରଖିଛି
ତମ ଛାଇ ଟେ ହେଇ,
କାଳେ କେତେବେଳେ ପାଇଯିବ ବୋଲି
ତୁମର ପ୍ରେମ !

❤ ପଳାସ, କଳାହାଣ୍ଡି

### ॥ ତୁମ ଅପେକ୍ଷାରେ ॥

**● ପ୍ରତିଭା ଖିଲାର**



କେତେ ଦିନ ଆଉ
ଏମିତି ଅଟକି ରହିବ
ଗୋଟେ ନାଁ ନଥିବା ନୀରବତା ପାଖରେ !
ଥରେ ତ କେବେ
ମୁହଁ ଫେରାଇ ଦେଖ !
ସେଦିନୁଁ ସେଇଠି
ରକ୍ତ ବୋହି ଆସୁଥିବା
ହଳେ ଆଖିର କବିତା
ଏବେ ବି ତୁମ ଅପେକ୍ଷାରେ ।

❤ ଭୁବନେଶ୍ୱର

### ॥ ଏଇତ ଜୀବନ ॥

**● ବିଜନ ରାୟ**

କେବେତ ହର୍ଷ କେବେତ ବିଷାଦ ଜୀବନଟା ଚଲାପଥ
ଜନ୍ମ ମରଣ ବେଳା ଦୁଇଘଡି ଜୀବନ ଜିଇଁବା ଗୀତ ।

କେବେତ ଦୁଃଖ, କେବେତ ଦୈନ୍ୟ ଦୁର୍ଦ୍ଦଶା ମାରେ ହାଇ
କେବେବା ଶାନ୍ତ ଶୀତଳ ପବନ ଘନ ବର ଗଛ ଛାଇ ।

ସ୍ନିଗ୍ଧ ସକାଳେ ନବୀନ ଉଚ୍ଛ୍ୱାସେ ଉଇଁ ଥିଲା ଯେଉଁ ରବି
ସଂଜ କାଳିମା ଚକ୍ରବାଳରେ ପୋଛିଦେଲା ତାର ଛବି ।

ସ୍ୱର୍ଗ ସୁଷମା ଦିବ୍ୟ ମହକ ଫୁଟିଥିଲା ଫୁଲ କଢି
ସୁବାସ ବିତରି ସମୟ ର ସାଥେ ଗଲାଣି ପରା ସେ ଝଡି ।

କୁଆଁରୀ ବର୍ଷା ଫୁଲେଇ ଫଗୁଣ ଛୁଆଁ ଦେଇ ଗଲେ ଫେରି
ଦାରୁଣ ନିଦାଘ ଆସି ଚାଲିଗଲା ଖେଳି ଖେଳି ନିଆଁ ହୋରି ।

ଗୋଲାପି ଗଣ୍ଡ ରକ୍ତିମ ଓଠ ସେ ମୁହଁ ପୁନେଇଁ ଜହ୍ନ
ଯୌବନ ଜୁଆର ଲେଉଟିଲା ପରେ ଆଜି ସେଠି ଭଙ୍ଗା ଚିହ୍ନ ।

ସଖିରେ ଜୀବନ କ୍ଷଣିକ ମାତର ଏଇ ଅଛି ଏଇ ନାହିଁ
ପ୍ରେମରୁ ମୁଠାଏ ବାନ୍ଧି ଥା' କାନିରେ ଘୃଣା ପାଇଁ ବେଳ କାହିଁ !!



❤ ପ୍ଲଟ ନମ୍ବର -ସି ଏଚ ପି -୬୦ ,
କାନନ ବିହାର ଫେଜ -୧, ଭୁବନେଶ୍ୱର -୩୧
(ମୋ) ୯୪୩୮୧୪୧୩୬୪



### ॥ ଏକଲା ନଦୀର ଧାରେ ॥

**● ଜ୍ଞାନେନ୍ଦ୍ର କୁମାର ପଣ୍ଡା**

ଯେବେ ସମୟ
ବିଦାୟ ନେଇଆସିବ ମୋ ପାଇଁ
ମୁଁ ଚାହେଁ
ତୁମେ ମୋତେ ଶୁଣେଇବ
ସେହି କବିତା
ଯାହାକୁ ମୁଁ
କେବଳ ତୁମ ପାଇଁ ଲେଖିଥିଲି ।

❤ ସୁନ୍ଦରୀ, ସୁନହଟ, ବାଲେଶ୍ୱର

# ମଣିଷର କଥା କହୁଥିବା ଏବଂ ସତର୍କ ଭାବେ ଶଦ୍ଦମାନଙ୍କୁ ବ୍ୟବହାର କରି ସର୍ଜନା କରା ଯାଇଥିବା ରଚନା ହିଁ କାଳଜୟୀ ହେଇପାରିବ : ପାରମିତା ଷଡଙ୍ଗୀ

**ପାରମିତା ଷଡଙ୍ଗୀ** ପ୍ରବାସରେ ରହି ମଧ୍ୟ ସମକାଳୀନ ଓଡିଆ ସାହିତ୍ୟ ପାଇଁ ନିର୍ମାଣି ଚାଲିଛନ୍ତି ଅଭିନବ କୋଣାର୍କ । ବେଶ୍ କଳାତ୍ମକ ଢଙ୍ଗରେ ଗଳ୍ପ, କବିତା, ଅନୁବାଦ ସହ ନୀର୍ବାହ କରିଛନ୍ତି ସାମାଜିକ ଓ ସାଂସ୍କୃତିକ ଦାୟିତ୍ୱ । ଭାବ ବିହ୍ୱଳ ହୋଇ ବି ନିଜ ସଚ୍ଚୋଟତା ସହିତ ସମ୍ପର୍କ ରଖିଛନ୍ତି ନିବିଡ । ଓଡିଆ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଅନୁବାଦ ମାଧ୍ୟମରେ ପ୍ରତିନିୟତ ଜାରି ରଖିଛନ୍ତି ନିଜର ଚେଷ୍ଟା । ତାଙ୍କ ଲେଖାରେ ଅଛି ଯେଉଁ ଛଳଛଳ ଭାବ ଏବଂ ଉପସ୍ଥାପନାର ନଆରାପଣ, ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ କବିତାର ଆଦ୍ୟ ସ୍ଫୁରଣ ?

■■ ପିଲାବେଳୁ ଦେଖିଛି ନନା ସାହିତ୍ୟାନୁରାଗୀ, ଖୁବ୍ ପଢ଼ନ୍ତି । ଘରେ ପ୍ରାୟ ସାହିତ୍ୟ ଚର୍ଚ୍ଚା ହୁଏ। ନନା ଯେତେବେଳେ ଭାଗବତର ଦଶମ ସ୍କନ୍ଧ ଉପରେ ରିସର୍ଚ୍ଚ କରୁଥିଲେ, ତାଙ୍କର ଲେଖାକୁ ଆମେ ତିନି ଭଉଣୀ କାର୍ବନ ପେପର ଦେଇ ହାତରେ ଲେଖି ତିନି ଚାରିଟା କପି ପ୍ରସ୍ତୁତ କରୁଥିଲୁ। ସେସବୁ ବିଷୟକୁ ସେତେବେଳେ କିଛି ବୁଝିପାରୁ ନ ଥିଲି ମାତ୍ର ସମୟକ୍ରମେ ସେହି ସବୁ ଶବ୍ଦ, ମୋ ସାହିତ୍ୟ ଯାତ୍ରାରେ ସାଥିହୋଇ ବାଟ କଢ଼େଇ ନେଇଥିଲେ । ସପ୍ତମରେ ପଢ଼ିଲାବେଳେ ମୁଁ ଲେଖିଥିବା ଗପଟି ପ୍ରଥମ ଥର ପାଇଁ ସ୍କୁଲ ପତ୍ରିକାରେ ପ୍ରକାଶିତ ହୋଇଥିଲା। ତା'ପରେ କଲେଜରେ ପଢ଼ିଲା ବେଳେ ଆଉ ଗୋଟିଏ। କିନ୍ତୁ ସେ ସବୁର ମୋ ପାଖରେ କିଛି ପ୍ରମାଣ ନାହିଁ। ଲୁଚେଇ ଲୁଚେଇ ଲେଖୁଥିଲି। ଡର ଥିଲା କାଳେ ପ୍ରତିଷ୍ଠିତ କବି ବଂଶୀଧର ଷଡ଼ଙ୍ଗୀଙ୍କ ଝିଅର ଲେଖାର ମାପଦଣ୍ଡରେ କାଳେ ମୁଁ ଫିଟ ହେଇପାରିବି ନାହିଁ ।ସେ ଡର ମୋ ପିଲା ମନକୁ ଜାବୁଡ଼ି ଧରି ଥିଲା। ପଢ଼ିବା ବେଳୁ ମୁଁ କିଛି କିଛି ଗପ ଡାଇରିରେ ଲେଖି ଲୁଚେଇ ରଖିଥିଲି । ପରେ ସେ ଗପସବୁ ଇପ୍ସିତା ହାତରେ ପଡ଼ିଥିଲା। ତା କହିବାନୁଯାୟୀ ମୁଁ ଗପଟିଏ ଲେଖି ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'କୁ ପଠାଇଥିଲି ଏବଂ ଏହା ପ୍ରକାଶିତ ହେଇଥିଲା ମଧ୍ୟ । ମୋ ସାହିତ୍ୟ ଯାତ୍ରାରେ 'ଧ୍ୱନି ପ୍ରତିଧ୍ୱନି'ର ଅବଦାନ ଉଲ୍ଲେଖନୀୟ।

■ କବିତା ନା ଗଳ୍ପ; କିଏ ଦେଇଛି ଅଧିକ ଆତ୍ମତୃପ୍ତି ? ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସତ କହିଲେ ଗପ । କବିତା କିଛି ମୁହୂର୍ତ୍ତର ଆବେଗର ପରିପ୍ରକାଶ ସତ, କିନ୍ତୁ ମୋ ପାଇଁ ଗପ ଆତ୍ମତୃପ୍ତିର ମାଧ୍ୟମ । ଗପରେ ମୁଁ ସେ ଚରିତ୍ର ବନେ, ଭାବ ବିହ୍ୱଳ ହୁଏ ଓ ଚରିତ୍ରର କଥା ସଚ୍ଚୋଟ ହେଇ ବୟାନ କରେ । କିନ୍ତୁ ବେଳେ ବେଳେ ଏମିତି ବି ହେଇଛି, କବିତା ଓ ଗପ ଦୁଇଟି ବିଭାଗ ପୂର୍ଣ୍ଣ ହେବାର ଅନୁଭବ କରାଏ ତ କେତେବେଳେ ନିଃସ୍ୱ। ଗପରେ ମନ କଥା ବିସ୍ତାର କରିହୁଏ ଯେହେତୁ ତାର ପରିସର ବ୍ୟାପ୍ତ, କିନ୍ତୁ କବିତାର ପରିସର ସେତେ ନୁହେଁ। ମୋ ମତରେ କବିତାରେ ବି କିଛି ଲୁଚି ରହିବା ଉଚିତ୍। ପାଠକଙ୍କ ଉପରେ ବୁଝିବାର ଦାୟିତ୍ୱ ଛାଡି ଦିଆଯାଉ। ତେବେ ଯାଇ ସମୀକ୍ଷା କ୍ଷେତ୍ରରେ ବି ବିକାଶ ହେବ। ସାରସ୍ୱତର ପ୍ରେରଣା ଏବଂ ଆଦ୍ୟ ଗୁରୁ ? ମୋ ପାଇଁ ନନା ବଂଶୀଧର ଷଡ଼ଙ୍ଗୀ। ଆଜି ବି ସେ ପ୍ରତିଦିନ ଫୋନ୍ କରି କିଛି ନା କିଛି କୁହନ୍ତି, ଯାହା ଶିକ୍ଷଣୀୟ ଥାଏ। କହିବାର ଅର୍ଥ ହେଲା ଯେ, ସେ ଓଡ଼ିଶାର ଏବଂ ଓଡିଶା ବାହରରେ ଥିବା ଲେଖକଙ୍କ ଲେଖା ବିଷୟରେ ଆଲୋଚନା କରନ୍ତି। ତା ଛଡ଼ା ବିଭିନ୍ନ ଗପ, କବିତା, ସମୀକ୍ଷା ଓ ଅନ୍ୟାନ୍ୟ ରଚନା ପଢିବା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଅନେକ ରଚୟିତା ମୋ ଗୁରୁ ହେଇ ଯାଇଛନ୍ତି। ଆଉ ଏକ କଥା ବି କହିବାକୁ ଚାହେଁ, ବେଳେ ବେଳେ ମୋ କନିଷ୍ଠମାନଙ୍କ ଠାରୁ ବି ମତେ ବହୁତ କିଛି ଶିଖିବାକୁ ମିଳେ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସବୁ ସମସ୍ୟା ଉପରେ ଲେଖିବା ଆବଶ୍ୟକ। ପ୍ରଶ୍ନ ଉଠେନି ଯେ କେଉଁ ସମସ୍ୟା ଉପରେ ଲେଖିବା ଉଚିତ। ପ୍ରଶ୍ନ ଉଠେ କେତେ ସଚ୍ଚୋଟ ଭାବେ ଲେଖିବା ଉଚିତ। ଉଦାହରଣ ଦେବି, ଦେଖନ୍ତୁ ଯଦି ମୁଁ ମୁମ୍ବାଇରେ 'ସ୍ତ୍ରୀ ମାନେ ରାତିରେ ସୁରକ୍ଷିତ ନୁହଁନ୍ତି' – ଏହି ବିଷୟବସ୍ତୁକୁ ନେଇ ଗପ ଲେଖିବି, ତେବେ ସେ କଳ୍ପନା ହେବ । ଏଠି ସ୍ତ୍ରୀ ମାନଙ୍କର ସୁରକ୍ଷାରେ କୌଣସି ଅସୁବିଧା ନ ଥାଏ। କିନ୍ତୁ ଏଠି ଅଭାବ ଥାଏ, ସମୟର, ଶାନ୍ତିର -ତେଣୁ ମଣିଷର ଏହା ଅନ୍ୟ ଏକ ଅସହାୟତା। କହିବାକୁ ଚାହେଁ ଜଣେ ତା ଚାରିପାଖର ପରିବେଶକୁ ନେଇ, ସମସ୍ୟାକୁ ନେଇ ଲେଖିବା ଉଚିତ। ରାଜନୈତିକ, ସାମାଜିକ, ଅର୍ଥନୈତିକ, ସମକାଳୀନ ପରିସ୍ଥିତି ସହ ଆମ ଇତିହାସ ଓ ପୌରାଣିକ ସବୁ ବିଷୟରେ ଲେଖିବା ଉଚିତ ଏବଂ ନିଡର ହେଇ ଲେଖିବା ଉଚିତ। ଏହା ନିଶ୍ଚିତ ଯେ ସାହିତ୍ୟ, ସମାଜର ପରିବର୍ତ୍ତନର ଏକ ମୁଖ୍ୟ ମାଧ୍ୟମ । ସ୍ୱାଧୀନତା ଆନ୍ଦୋଳନରେ ଲିଖିତ ରଚନା ଲୋକଙ୍କ ମନରେ ସ୍ୱାଧୀନତାର ଭାବ ଜାଗ୍ରତ କରିଥିଲା । ସାମାଜିକ କୁସଂସ୍କାରକୁ ( ରେବତୀର ପାଠପଢ଼ା, ନୀଳ ମାଷ୍ଟରାଣୀର ବିଧବା ବିବାହ କି ରୂପ କୁଅଁରର ସତୀ ହେବା) ଲୋକ ଲୋଚନକୁ ଆଣିବା ସହ ନୈତିକ ଶିକ୍ଷା ବି ସାହିତ୍ୟ ଦେଇଥାଏ । ସାହିତ୍ୟ ସମାଜରେ ପରିବର୍ତ୍ତନ ଆଣିଥାଏ ଏକଥାରେ କୌଣସି ସନ୍ଦେହ ନାହିଁ ।

■ ଆଜି ଲେଖକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବହୁ ଅଧିକ ହୋଇଥିବା ବେଳେ କାଳଜୟୀ ଲେଖାଟିଏ ଆଖିରେ ପଡୁନାହିଁ । ଏମିତି କହିଁକି ?

■■ ଲେଖକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପ୍ରକାଶିତର ମାଧ୍ୟମର (ଡିଜିଟାଲ) ପରିସର ବି ବ୍ୟାପକ ହେଇଛି। ହଁ, ଏକଥା ବି ସତ୍ୟ କାଳଜୟୀ ଲେଖାର ଅପେକ୍ଷାରେ ଆଜିର ପାଠକ । ମୁଁ ଭାବେ ଏଥିପାଇଁ ଖୁବ୍ ପଢ଼ିବାର ଆବଶ୍ୟକତା ରହିଛି। ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମରେ ଲେଖା ପୋଷ୍ଟ କରିବାରେ ଅସୁବିଧା ନ ଥାଏ କିମ୍ବା ଏମିତି କିଛି ପତ୍ରିକା ଅଛି (ଏକ ହିନ୍ଦୀ ପତ୍ରିକା, ଯେ କି କବିତା ପ୍ରକାଶିତ କରିବାକୁ ୧୦୦ଟଙ୍କା ଦାବି କରନ୍ତି) ଯେଉଁମାନେ ପଇସା ନେଇ ଲେଖା ଛାପନ୍ତି । ଏଠି ଲେଖାର ମାନ କେମିତି ବା ହେବ ! ଈଶ୍ୱରଙ୍କ ଆଶୀର୍ବାଦରେ ହିଁ ସୃଜନ ସମ୍ଭବ । ମୁଁ ତ ଏତିକି କହିବି, ନିଜର ଭାବନାକୁ ପରିପକ୍ୱ କରି ପ୍ରକାଶିତ କରିବାକୁ ହେଲେ ବରିଷ୍ଠ, କନିଷ୍ଠଙ୍କ ସହ ଦେଶ ବିଦେଶର ରଚନାମାନଙ୍କୁ ପଢ଼ିବା ଉଚିତ୍। ଆଜିକାଲି ବିଭିନ୍ନ ରଚନାର ଉପଲବ୍ଧିରେ ସମସ୍ୟା ନାହିଁ କହିଲେ ଚଳିବ । ଶବ୍ଦ ହେଉଛନ୍ତି ବ୍ରହ୍ମ , ଠିକ୍ ନଟଖଟିଆ କାହ୍ନା ପରି । ସହଜରେ ଧରା ଦିଅନ୍ତି ନାହିଁ। ତାଙ୍କୁ ପାଇବାକୁ ହେଲେ ଧୈର୍ଯ୍ୟ, ସହନଶୀଳତା ଓ ସମର୍ପଣ ଭାବ ନେଇ ଆଗେଇବାକୁ ପଡେ । ମୋ ମତରେ ମଣିଷର କଥା କହୁଥିବା ଏବଂ ସତର୍କତାର ସହ ଶଦ୍ଦମାନଙ୍କୁ ବ୍ୟବହାର କରି ସର୍ଜନା କରା ଯାଇଥିବା ରଚନା ହିଁ କାଳଜୟୀ ରଚନା ହେଇପାରିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଙ୍କଟରେ – ଏ କଥା କୁହାଯାଇ ପାରେ । କିନ୍ତୁ ବେଶୀଦିନ ଏମିତି ସଙ୍କଟ ରହିବ ନାହିଁ ବୋଲି ମୋର ଧାରଣା । ଖାଲି ଓଡ଼ିଶାରେ ନୁହେଁ ଅନ୍ୟ ରାଜ୍ୟରେ ସାହିତ୍ୟିକମାନେ ମଧ୍ୟ ନିଜ ନିଜର ମାତୃଭାଷା ପ୍ରତି ସଜାଗ ହେଲେଣି । ଏଠି ( ମୁମ୍ବାଇରେ) ବିଭିନ୍ନ କଲେଜରେ ( ଏସ.ଏନ୍.ଡି.ଟି କଲେଜ, ୱିଲସନ କଲେଜ୍, ଜାଭିୟର୍ସ କଲେଜ ) ମୁଁ ଅତିଥି କବି ଭାବେ ନିମନ୍ତ୍ରିତ ହେଇ ଯୋଗ ଦେଇଥିବା ସମୟରେ ଦେଖିଥିଲି ଯେ ଗୁଜୁରାଟୀ, ମରାଠୀ, ହିନ୍ଦୀ ଆଦି ଭାଷାର ବିକାଶ, ପ୍ରଚାର ପ୍ରସାର ପାଇଁ ଲେଖକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ କେତେ ଯତ୍ନଶୀଳ। ମୁମ୍ବାଇ ସ୍ଥିତ ହିନ୍ଦୁସ୍ଥାନ ଭାଷା ପ୍ରଚାର ସମିତି ଓ ମହାରାଷ୍ଟ୍ର ହିନ୍ଦୀ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମତେ 'ଓଡ଼ିଆ ସାହିତ୍ୟରେ ଗଳ୍ପର ଧାରା '(ହିନ୍ଦୀ ଭାଷାରେ)ବିଷୟରେ ଚର୍ଚ୍ଚା କରିବା ପାଇଁ ନିମନ୍ତ୍ରଣ କରା ଯାଉଥିଲା। ଖୁବ୍ ଆନନ୍ଦିତ ହେଲି ସେଠି ଉପସ୍ଥିତ ବିଦ୍ୱାନ ମାନେ ଫକୀର ମୋହନ ସେନାପତିଙ୍କୁ ପଢ଼ିଛନ୍ତି, ସାରଳା ଦାସଙ୍କ ରଚିତ 'ନବଗୁଞ୍ଜର' ରୂପକୁ ଜାଣିଛନ୍ତି ବୋଲି। ସେଦିନ ଓଡ଼ିଆ ଭାବରେ ଖୁବ୍ ଗର୍ବିତ ଥିଲି । ଭାଷା କେବଳ ଭାବର ଆଦାନପ୍ରଦାନର ମାଧ୍ୟମ ନୁହେଁ, ଏହା ସେହି କ୍ଷେତ୍ରର ପରମ୍ପରା। ଆମ ପୁରାଣ, ଇତିହାସ, ଲୋକକଥାକୁ ଗୋଟେ ପିଢ଼ିରୁ ଅନ୍ୟ ପିଢ଼ିକୁ ଭାଷା ହିଁ ବହନ କରିଥାଏ । ଅତି ସୁଖର କଥା ଯେ ଆଜିର ପିଢ଼ି ଓ ଆଗାମୀ ପିଢ଼ି ଏଥିପାଇଁ ଖୁବ୍ ସଜାଗ । ଭାଷାର ପ୍ରଚାର ପ୍ରସାର ପାଇଁ ସାହିତ୍ୟ ହିଁ ମୁଖ୍ୟ ସାରଥି। ମୋ ମତରେ ଲୋକକଥା, ଢଗଢମାଳି ଏସବୁକୁ ନେଇ ରଚନା ଲେଖିବା ଓ ପ୍ରକାଶିତ ହେବା ଆବଶ୍ୟକ। ହିନ୍ଦୀ ଭାଷାରେ କିଛି ପତ୍ରିକା ବିଭିନ୍ନ ରାଜ୍ୟର ଲୋକକଥା ଉପରେ ଆଧାରିତ ଗପ ଓ କବିତାକୁ ପ୍ରକାଶିତ କରିବାକୁ ଯାଇ ରଚନା ଆହ୍ୱାନ କରୁଛନ୍ତି। ଓଡିଶାରେ ବି ଏପରି ହେବା ଉଚିତ୍। ଖାଲି ଓଡ଼ିଶାର ଲୋକକଥା ଉପରେ ନୁହେଁ ଦେଶର ବିଭିନ୍ନ ସ୍ଥାନରୁ ଏପରି ରଚନାକୁ ଅନୁବାଦ କରି ପ୍ରକାଶିତ ହେବା ଉଚିତ୍।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ ମୋ ମତରେ କିଛି ମାତ୍ରାରେ ନିଶ୍ଚୟ। କିନ୍ତୁ ଆଜିକାଲି ଲେଖାରେ ସଚ୍ଚୋଟ ପଣିଆର ଅଭାବ ରହିଛି। ପ୍ରାୟ ଲେଖକ ମାନେ ରାଜନୈତିକ ଓ ଧର୍ମ ସମ୍ବନ୍ଧୀୟ ଅବ୍ୟବସ୍ଥା ଉପରେ ଲେଖିବାକୁ ଡରୁଛନ୍ତି । ଯେଉଁଦିନ ଏସବୁରୁ ଉପରକୁ ଉଠି ଜଣେ ଲେଖକ ସ୍ୱଚ୍ଛନ୍ଦରେ ଏପରି ପରିସ୍ଥିତିକୁ ଦର୍ଶାଇବାରେ ସଫଳ ହେବ, ସେଦିନ ସାହିତ୍ୟ ସମାଜକୁ ବଦଳେଇବାରେ ଶହେ ପ୍ରତିଶତ ମୁଖ୍ୟ କାରଣ ହେଇ ପାରିବ ।

■ ଓଡିଆ ସହ ଆପଣ ଅନ୍ୟ ଭାଷାରେ ମଧ୍ୟ ଲେଖନ୍ତି ଓ ଅନୁବାଦ କରନ୍ତି । ତୁଳନାତ୍ମକ ଭାବେ ଓଡ଼ିଆ ସାହିତ୍ୟର ସ୍ଥିତି କିପରି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ଉନ୍ନତ। ଭାବ ଓ ଭାଷାର ସଂଯୋଜନା, ଧ୍ୱନିର ପରିପ୍ରକାଶ ଏତେ ଉନ୍ନତ ଯେ ତା'ର ତୁଳନା କରି ହେବ ନାହିଁ। ସେଥିପାଇଁ ଓଡ଼ିଆ ସାହିତ୍ୟକୁ ହିନ୍ଦୀ ଭାଷାଭାଷୀଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛି। ମଣିଷ ଏକ ବିଚିତ୍ର ପ୍ରାଣୀ। ସେ ସବୁବେଳେ ଦୁର୍ବୋଧ ପଛରେ ପଡ଼ିଯାଏ। ସେଥିପାଇଁ ରହସ୍ୟ ତାକୁ ଆକର୍ଷିତ କରିଥାଏ। ସେହିପରି ସାହିତ୍ୟରେ ରହସ୍ୟ ମଧ୍ୟ ପାଠକଙ୍କୁ ଆକର୍ଷିତ କରିଥାଏ। ସର୍ବପ୍ରଥମେ ତ ରଚନାର ଶୈଳୀ ଆକର୍ଷଣୀୟ ହେବା ଉଚିତ୍। ଆଜିକାଲି ସାହିତ୍ୟ ସାଧାରଣ ଲୋକଙ୍କ ପାଖେ ପହଞ୍ଚି ପାରୁନି -ଏକଥା ସଂପୂର୍ଣ୍ଣ ସତ୍ୟ ନୁହେଁ। କିନ୍ତୁ ପାଠକଙ୍କ ସଂଖ୍ୟାରେ କମି ଯାଇଛି। ବହୁତ ପ୍ଲାଟଫର୍ମ ଅଛି ଲେଖିବାର ଓ ପଢ଼ିବାର । ଅନ୍ୟ ଏକ ପକ୍ଷ ହେଲା ବହି କିଣିବା, ପଢ଼ିବା ଓ ଉପହାର ଦେବା । ପିଲାମାନଙ୍କୁ ଶିଶୁ ସାହିତ୍ୟକୁ ନେଇ ପ୍ରକାଶିତ ବହି ପଢିବାକୁ ଉତ୍ସାହିତ କରିବା ଉଚିତ୍। ତେବେ ପତ୍ରିକା ବଞ୍ଚିବ ଓ ସାହିତ୍ୟ ବିକଶିତ ହେବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ କହିବେ ?

■■ ପୁରସ୍କାରର ମହତ୍ୱ ତ ରହିଥାଏ। ଜଣେ ଲେଖକ ହେଇଥିବା ଦୃଷ୍ଟିରୁ କହିବି ପୁରସ୍କାର ପ୍ରେରଣା ଦିଏ ଆଉ ଭଲ ଲେଖିବାକୁ, ପାଠକଙ୍କ ପାଖରେ ଆଉ ଅଧିକ ଭାବରେ ନିଜକୁ ପ୍ରମାଣିତ କରିବାକୁ। ଯେତେବେଳେ ମୋର ତୃତୀୟ ଗଳ୍ପ ସଙ୍କଳନ "ଅନ୍ତରାଳେ"ର ପାଣ୍ଡୁଲିପି ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ପୁରସ୍କୃତ ହେଇ ପ୍ରକାଶିତ ହେଲା, ସେ ଖୁସିକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ । ହିନ୍ଦୀରେ ପ୍ରକାଶିତ କବିତା ସଂଗ୍ରହ 'ଇଜ୍ୟା' ପାଇଁ ମୁଁ ତିନିଟି ପୁରସ୍କାର ପାଇଛି , ସେ ସମୟର ଖୁସିକୁ କେମିତି କହିବି ! ହଁ, ସେଇ ମୁହୂର୍ତ୍ତ ଖୁବ୍ ସୁଖଦ ଥିଲା, ଯେତେବେଳେ 'ଇଜ୍ୟା'ର ଗୁଜୁରାଟୀ ଭାଷାରେ ଅନୁବାଦ ସଙ୍କଳନକୁ ଗୁଜୁରାଟୀ ସାହିତ୍ୟ ଏକାଡେମୀ ଓ ମରାଠୀ ଭାଷାରେ ଅନୁବାଦ ସଙ୍କଳନକୁ ରାଜ ସ୍ତରୀୟ ଯୁଗ ପ୍ରବର୍ତ୍ତକ ପୁରସ୍କାର, ଗ୍ରନ୍ଥରନ୍ ପୁରସ୍କାର ଓ ଅଗ୍ରୋଓ୍ୱନ ପୁରସ୍କାର ପ୍ରାପ୍ତ ହେବାର ଖବର ମିଳିଥିଲା । ସାହିତ୍ୟ ମାଧ୍ୟମରେ 'ସାହାଯ୍ୟ, ସଚ୍ଚୋଟ, ସହନଶୀଳତା ଓ ସହିତ' ଏହି ଗୁଣର ଉପକାରିତା, ମଣିଷ ଭିତରେ ଜାଗ୍ରତ ହେଉ ବୋଲି ମୋର ଇଚ୍ଛା । ସାହିତ୍ୟ ମଣିଷ ଚେତନାର ଭୋକ ମେଣ୍ଟାଏ, ସାହିତ୍ୟ ମାଧ୍ୟମରେ ସଦଗୁଣର ବିକାଶ ନିଶ୍ଚେ । ଆମର ମୁନି ଋଷି ମାନେ ବିଜ୍ଞାନ, ଧର୍ମ , ମାନବୀୟ ଆଚରଣ ଓ ସାମାଜିକ ବ୍ୟବହାର, ରାଜନୈତିକ ବ୍ୟବସ୍ଥା, ଜୀବନଚର୍ଯ୍ୟା ଆଦି ଏଇ ସବୁ ବିଷୟରେ ଯାହା ବି କହିଛନ୍ତି, ସେଇ ଧରୋହରକୁ ଭାଷା ସାହିତ୍ୟର ରୂପରେ ଧାରଣ କରି ଆସିଛି। ତେଣୁ ସାହିତ୍ୟର ଭୂମିକା କେତେ ମାତ୍ରରେ ଯେ ଉଲ୍ଲେଖନୀୟ ସେଥିରେ କୌଣସି ସନ୍ଦେହ ନାହିଁ । ❤❤

---

■ ଅକ୍ଷରେ ପାରମିତା ଷଡ଼ଙ୍ଗୀ ...



ଜନ୍ମ : ୧୩ ଏପ୍ରିଲ୍, ୧୯୭୨
ଜନ୍ମସ୍ଥାନ : ନିମାପଡ଼ା (ପୁରୀ)
ପିତା- ବଂଶୀଧର ଷଡ଼ଙ୍ଗୀ
ସ୍ୱାମୀ- ସ୍ୱପ୍ନେନ୍ଦୁ ମିଶ୍ର
ବର୍ତ୍ତମାନର ଠିକଣା : କାନ୍ଦିବଲି ପୂର୍ବ , ମୁମ୍ବାଇ

**ଗଳ୍ପ :**
୧- ସମ୍ପର୍କର ପାହଚରୁ ଓହ୍ଲାଇଲା ପରେ (୨୦୧୪)
୨- ମୁଁ ନ ଥିଲା ବେଳେ (୨୦୧୭)
୩- ଅନ୍ତରାଳେ (୨୦୧୭)
୪- ବିରୋଧାଭାସ (୨୦୧୭)
୫- ଅଭିଧା (୨୦୨୪)
୬- ସମ୍ମିତ କେ ପାସ ଜବ ମେ ନହିଁ ଥି ( ହିନ୍ଦୀ ଗଳ୍ପ ସଂକଳନ)

**କବିତା :** ୧- ଚାଲ କିଛି ଆଙ୍କିବା' (୨୦୨୨)
୨- ଏବେ ତୁମେ ନାହଁ (୨୦୨୨)
୩-'ଇଜ୍ୟା' ହିନ୍ଦୀ କବିତା ସଙ୍କଳନ (୨୦୨୧)

**ଅନୁବାଦ :**
୧- ଜବାହର ଟନେଲ
ଅଗ୍ନିଶେଖରଙ୍କ ଦ୍ୱାରା ରଚିତ ହିନ୍ଦୀ କବିତା ସଙ୍କଳନର ଓଡ଼ିଆ ଅନୁବାଦ- ୨୦୨୧
୨- ସୂତ୍ରଧାର -
ବଂଶୀଧର ଷଡ଼ଙ୍ଗୀଙ୍କ ଓଡ଼ିଆ କବିତା ସଙ୍କଳନର ହିନ୍ଦୀ ଅନୁବାଦ-୨୦୨୩
୩- କବିତାର ଋତୁ -
ଅମରଜିତ୍ କୌଙ୍କେଙ୍କ ହିନ୍ଦୀ କବିତାର ଓଡ଼ିଆ ଅନୁବାଦ-୨୦୨୩
୪ – ଇଜ୍ୟା
ଗୁଜରାଟୀ ହିନା ମୋଦୀଙ୍କ ଦ୍ୱାରା ଓ ମରାଠି ଭାଷାରେ ରଚନାଙ୍କ ଦ୍ୱାରା ଅନୁବାଦ
୫- ଚନ୍ଦ୍ରକୁ ଖୋଜୁ ଖୋଜୁ
ମୈଥିଳୀ ଭାଷାରେ ଲିଖିତ ପ୍ରଦୀପ ବିହାରୀଙ୍କ ଗଳ୍ପ ସଙ୍କଳନର ଓଡ଼ିଆ ଅନୁବାଦ -୨୦୨୪
୬ – ରାତ ବିତନେ କେ ବାଦ
ଓଡ଼ିଆ ଭାଷାରେ ଲିଖିତ ଡଃ ଫନୀ ମହାନ୍ତିଙ୍କର ନିର୍ବାଚିତ କବିତାର ହିନ୍ଦୀ ଅନୁବାଦ- ୨୦୨୪

---



ସୁଖୀ ପରିବାର : ସ୍ୱାମୀ ଓ ଦୁଇ ପୁତ୍ରଙ୍କ ସହ ଲେଖିକା ପାରମିତା ଷଡଙ୍ଗୀ...



ମା' ଓ ବାପା ବଂଶୀଧର ଷଡଙ୍ଗୀଙ୍କ ସହ ପାରମିତା...

## ପ୍ରିୟ ପାଠକ-୨୧

# ପ୍ରତି ବାକ୍ୟ ଲେଖିବା ପୂର୍ବରୁ ତାହାର implication ଓ effect ପ୍ରତି ଦୃଷ୍ଟି ଦେବାକୁ ପଡେ

ଜଣେ ପାଠିକା ଥରେ ଫେସବୁକ୍‌ରେ ଲେଖିଥିଲେ, ଆପଣଙ୍କ ଅମୁକ ଗପଟି ପଢ଼ିଲା ପରେ, ଆପଣଙ୍କର ଗପ ଯୋଉ ପତ୍ରିକାରେ ବାହାରେ, ମୁଁ ସେହି ପତ୍ରିକା କିଣି ପଢ଼େ । ତେଣୁ ଲେଖକ ଜାଣେ ନାହିଁ, ତାର ପାଠକ ସଂଖ୍ୟା କେତେ ଏବଂ ପାଠକ/ ପାଠିକାଙ୍କ ଭିତରୁ ପ୍ରିୟ ପାଠକ ବାଛିବା ନିଶ୍ଚିତ କଷ୍ଟକର ବରଂ ଅସମ୍ଭବ କାର୍ଯ୍ୟ । ତଥାପି ଏଠି ମୁଁ ଜଣେ ପାଠକଙ୍କ କଥା କହିବି ଯାହାକୁ ମୁଁ ମୋର ପ୍ରିୟ ପାଠକ ବୋଲି ମନେକରେ ।




ପ୍ରିୟ ଲେଖକ,

ରବିବାର 'ସମ୍ବାଦ'ରୁ ଚେନାଏ ହସର ସଂସାର' ପଢ଼ିଲି । ଗପଟି ଗୋଟିଏ ଛୋଟ କଥାକୁ ନେଇ । ଭଲ ହେଇଛି । ତେବେ 'ଲୀତା ସ୍ୱାମୀଙ୍କୁ ସନ୍ତୁଷ୍ଟ କରିବାକୁ ଏତେ ସବୁ କାମ କରି ନାହାନ୍ତି ।' ବାକ୍ୟଟି ନ ଲେଖିଥିଲେ ଭଲ ହୋଇଥାନ୍ତା । ଲୀତା ଯାହା କଲା ସେ ସବୁ ସନ୍ତୁଷ୍ଟ କରିବାକୁ ନକରି ଥାଇପାରେ । କିନ୍ତୁ ଏ ବାକ୍ୟଟି ନଥିଲେ ପାଠକ ମନରେ ଲୀତାର ସ୍ୱାମୀ ପ୍ରତି ପ୍ରେମ ଭାବରେ ଚିନ୍ତାଟିଏ ଆସିଥାନ୍ତା । ଯାହା ଆଣିବାକୁ ଆପଣ ଚାହିଁଛନ୍ତି । ଏ ଗପଟି ତ ସ୍ୱାମୀ ସ୍ତ୍ରୀର ଦୈନନ୍ଦିନ ଜୀବନ ଭିତରେ ପ୍ରେମ ଓ ଅଭିମାନର ଗପ ।

କଥାଟା ହେଉଛି କ୍ଷୁଦ୍ର ଗଳ୍ପଟିଏ ଲେଖିଲାବେଳେ ବିସ୍ତୃତ ଉପନ୍ୟାସ ନାଟକରେ ମଧ୍ୟ ପ୍ରତ୍ୟେକ ବାକ୍ୟର **implication** ଓ **effect** ପ୍ରତି ଦୃଷ୍ଟି ଦେବାକୁ ପଡ଼େ । ନ ଦେଇ ବି ଲୋକ ତ ଲେଖୁଛନ୍ତି । କିନ୍ତୁ ଭଲ ଲେଖା ଓ ଭଲ ଲେଖା ଚଳେଇ ରଖିବା ଅସଲ କଥା ।

ଲେଖା ଚାଲୁ । ଭଲ ହେବ । ଶୁଭକାମନା

- ଜଣେ ପାଠକ

ଜଣେ ଲେଖକ ପକ୍ଷରେ ନିଜର ପ୍ରିୟ ପାଠକ ବାଛିବା କଷ୍ଟକର କାମ । ସଂଭବ ମଧ୍ୟ ନୁହେଁ । ଯୋଉମାନେ ଜଣେ ଲେଖକର ଲେଖା ପଢ଼ନ୍ତି, ପ୍ରଶଂସା କରନ୍ତି ଏବଂ ପତ୍ରିକାଟିରେ ଲେଖାଟି ଦେଖିଲେ, ସେହି ଲେଖାକୁ ପଢ଼ିବାକୁ କିଣନ୍ତି ବା ଲେଖକର ବହି କିଣି ପଢ଼ନ୍ତି, ସମସ୍ତେ ଜଣେ ଲେଖକର ପ୍ରିୟ । ମୋବାଇଲ ବା ଇଣ୍ଟରନେଟ ପ୍ରଚଳନ ପୂର୍ବରୁ ଗପଟିଏ ପ୍ରକାଶ ପାଇଲେ, ପାଠକେ ଚିଠି ଲେଖୁଥିଲେ, ଏବେ ଫୋନ୍ କରି ଦେଉଛନ୍ତି କିମ୍ବା ହ୍ୱାଟସଆପ୍‌ରେ ବାର୍ତ୍ତା ପଠଉଛନ୍ତି । କିନ୍ତୁ ସବୁ ପାଠକ ଚିଠି ଲେଖନ୍ତି ନାହିଁ କିମ୍ବା ଫୋନ୍ କରନ୍ତି ନାହିଁ । ଏମିତି ବି ଘଟିଛି ବସ୍ ବା ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ କଥାବାର୍ତ୍ତା ଭିତରେ, ପରିଚୟ ହେଲେ, ସହଯାତ୍ରୀ କୁହନ୍ତି, ଆପଣଙ୍କୁ ମୁଁ ପଢ଼ିଛି । ଜଣେ ପାଠିକା ଥରେ ଫେସବୁକ୍‌ରେ ଲେଖିଥିଲେ, ଆପଣଙ୍କ ଅମୁକ ଗପଟି ପଢ଼ିଲା ପରେ, ଆପଣଙ୍କର ଗପ ଯୋଉ ପତ୍ରିକାରେ ବାହାରେ, ମୁଁ ସେହି ପତ୍ରିକା କିଣି ପଢ଼େ । ତେଣୁ ଲେଖକ ଜାଣେ ନାହିଁ, ତାର ପାଠକ ସଂଖ୍ୟା କେତେ ଏବଂ ପାଠକ/ ପାଠିକାଙ୍କ ଭିତରୁ ପ୍ରିୟ ପାଠକ ବାଛିବା ନିଶ୍ଚିତ କଷ୍ଟକର ବରଂ ଅସମ୍ଭବ କାର୍ଯ୍ୟ ।

ତଥାପି ଏଠି ମୁଁ ଜଣେ ପାଠକଙ୍କ କଥା କହିବି ଯାହାକୁ ମୁଁ ମୋର ପ୍ରିୟ ପାଠକ ବୋଲି ମନେକରେ ।

୧୯୯୪ ମସିହାରେ ମୋର ଗୋଟିଏ ଗପ, 'ଚୋନାଏ ହସର ସଂସାର' ସମ୍ବାଦ ଖବର କାଗଜର ରବିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ସେହି ଗପଟି ପଢ଼ି ଅନେକ ପାଠକ ମତେ ଚିଠି ଦେଇଥିଲେ । କିନ୍ତୁ ଜଣେ ପାଠକ ଗୋଟିଏ ଚିଠି ଦେଇଥିଲେ, ଯାହା ମୋର ଏବେ ବି ମନେ ଅଛି ଏବଂ ମୁଁ ଗପ ଲେଖିଲା ବେଳେ ତାଙ୍କର ମନ୍ତବ୍ୟ ବା ପରାମର୍ଶ ମୋ ମନରେ ଥାଏ ।

'ସମ୍ବାଦ'ରେ ପ୍ରକାଶିତ ଗପଟି ତାଙ୍କୁ ଭଲ ଲାଗିଥିଲା, କିନ୍ତୁ ଗୋଟିଏ ବାକ୍ୟ ପ୍ରତି ତାଙ୍କର ଅଭିଯୋଗ ଥିଲା । ସେ ଲେଖିଥିଲେ, ଲେଖକ ଗପଟିରେ ଯୋଉ ଭାବ ସୃଷ୍ଟି କରିବାକୁ ଚାହିଁଛନ୍ତି, ସେହି ବାକ୍ୟଟି ସେହି ଭାବକୁ ବ୍ୟାହତ କରୁଛି । ସେହି ବାକ୍ୟଟି ଲେଖି ନଥିଲେ ଭଲ ହୋଇଥାନ୍ତା । ସେ କହିଥିଲେ ଗପ ବା ନାଟକରେ, ଉପନ୍ୟାସରେ ମଧ୍ୟ ପ୍ରତି ବାକ୍ୟ ଲେଖିବା ପୂର୍ବରୁ ତାହାର **implication** ଓ **effect** ପ୍ରତି ଦୃଷ୍ଟି ଦେବାକୁ ପଡ଼େ । ଶୁଭକାମନା ଜଣାଇ, ଲେଖିଥିଲେ ଭଲ ଲେଖା ଚଳେଇ ରଖିବା ଅସଲ କଥା, ଭଲ ଗପଟିଏ ଲେଖିଦେଲେ ଯଥେଷ୍ଟ ନୁହେଁ ।

ତାଙ୍କ ଚିଠିଟି ପଢିଲା ପରେ, 'ଚେନାଏ ହସର ସଂସାର' ଗପଟିକୁ ମୁଁ ପଢ଼ିଥିଲି ଏବଂ ତାଙ୍କର ପରାମର୍ଶ ମତେ ଉଚତ୍ ମନେ ହୋଇଥିଲା । ମୁଁ ଗପଟିକୁ ଆଉଥରେ ଲେଖିଥିଲି ଏବଂ 'ପୋକ' ଶୀର୍ଷକରେ ସେହି ଗପ ପୁନଃ ପ୍ରକାଶିତ ହୋଇଥିଲା ।

ମୁଁ ଗପ ଲେଖିଲା ବେଳେ ସେହି ଅଚିହ୍ନା ଅଜଣା ପାଠକ ମୋ ମନରେ ଥାଆନ୍ତି । ଜଣେ ଜଣେ ପାଠକ କୁହନ୍ତି, ଆପଣଙ୍କ ଗପରେ ଅନାବଶ୍ୟକ ଧାଡ଼ିଟିଏ ନଥାଏ । ସେତେବେଳେ ମୁଁ ସେହି ଅଜଣା ପାଠକଙ୍କୁ ମନେପକାଏ । ❤



ସହଦେବ ସାହୁ

# ରୋଗର ନାମ ନୋ-ମୋ-ଫୋବିଆ



## ଡାକ୍ତର ସମ୍ରାଟ କର

ଆମ ସ୍ୱାସ୍ଥ୍ୟ




ଲଗାଣ ବର୍ଷଣମୁଖର ସକାଳେ ପହଞ୍ଚିଥିଲେ ମୋର ଜଣେ ପରିଚିତ ବନ୍ଧୁ ରଜନୀସ । ବଡ଼ ବ୍ୟସ୍ତ ହୋଇ ତାଙ୍କ ସାନ ଭାଇ ସୁଜିତର ଅସ୍ୱାଭାବିକ ମୋବାଇଲ ବ୍ୟବହାର ସମ୍ପର୍କରେ ମୋତେ କହିଲେ । ତାଙ୍କ କଥାନୁଯାୟୀ ତାଙ୍କ ଭାଇ ପ୍ରାୟତଃ ସବୁବେଳେ ନିଜକୁ ମୋବାଇଲରେ ବ୍ୟସ୍ତ ରଖିଥାନ୍ତି । ତେବେ ସେ ଏକ କମ୍ପାନୀର କର୍ମଚାରୀ ହୋଇଥିଲେ ମଧ୍ୟ ସାମାନ୍ୟ ଟିକିଏ ସମୟ ବା ମୁହୂର୍ତ୍ତ ମିଳିଲା ମାତ୍ରେ ସେ ସତେଯେପରି ମୋବାଇଲ ବିନା ବଞ୍ଚି ପାରନ୍ତି ନାହିଁ ତାଙ୍କ ଆଚରଣ ଗୁଡ଼ିକ ସେହିପରି । ଯେପରି ପାଣି ବିନା ମାଛ ବଞ୍ଚିପାରିନଥାଏ ଠିକ ସେହିପରି ତାଙ୍କ ଆଚରଣ । ମୁଁ ଟିକିଏ ହସିଲି, ଏବଂ ତାଙ୍କୁ ବୁଝାଇ କହିଲି ଯେ ନୋ-ମୋ-ଫୋବିଆ ଅର୍ଥାତ୍ ନୋ-ମୋବାଇଲ-ଫୋନ ଫୋବିଆ । ମୋବାଇଲ ଫୋନ ବ୍ୟବହାର ବନ୍ଦ କରିବାକୁ ଡରୁଥିବା ଲୋକଙ୍କୁ ନୋ-ମୋ-ଫୋବିଆ ଆକ୍ରାନ୍ତ ବୋଲି କୁହାଯାଏ । ଯେଉଁମାନେ ମୋବାଇଲ ଠାରୁ ଦୂରେଇ ରହି ପାରନ୍ତି ନାହିଁ । କିଛି ସମୟ ପାଇଁ ଇଣ୍ଟରନେଟ ସେବା ବ୍ୟାଘାତ ହେଲେ କିମ୍ବା ମୋବାଇଲ ଫୋନ ବନ୍ଦ ହୋଇଗଲେ, ସେମାନେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି । ଏକବିଂଶ ଶତାବ୍ଦୀରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ହେଉଛି । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ଏପରିକି ବୟସ୍କ ଲୋକେ ମଧ୍ୟ ମୋବାଇଲ ମାୟାରେ ଫସୁଛନ୍ତି । ମୋବାଇଲ ବ୍ୟବହାର ଦ୍ୱାରା ଦିନର ଅଧାଧିକ ସମୟ ଅପଚୟ କରୁଛନ୍ତି । ସମୟକ୍ରମେ ସେମାନଙ୍କ ମାନସିକ ସ୍ଥିତି ଦୁର୍ବଳ ହୋଇପଡୁଛି । ବିଶେଷକରି ନୋ-ମୋ-ଫୋବିଆ ରୋଗୀଙ୍କ କାଉନସେଲିଂ କରାଯାଉଛି । ମୋବାଇଲ ବ୍ୟବହାର କିପରି କମ କରିବେ କିମ୍ବା ନିଜର ଜୀବନେଶୈଳୀରେ ପରିବର୍ତ୍ତନ ଆଣି ମୋବାଇଲ ଠାରୁ ଦୂରେଇ ରହିବେ ସେ ଦିଗରେ ସେମାନଙ୍କୁ ଟିପ୍ପଣୀ ଦିଆଯାଉଛି । ଏତଦବ୍ୟତୀତ କଗ୍ନିଟିଭ ବିହେଭିଓରାଲ ଥେରାପୀ ଦ୍ୱାରା ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ କରାଯାଉଛି । ପ୍ରାୟତଃ ମାନସିକ ରୋଗର ଚିକିତ୍ସକମାନେ ଏଭଳି ଚିକିତ୍ସା ପଦ୍ଧତି ପାଇଁ ପରାମର୍ଶ ଦେଇଥାନ୍ତି । ନୋ-ମୋ-ଫୋବିଆ ଆକ୍ରାନ୍ତଙ୍କ କ୍ଷତ୍ରରେ ନିଦ୍ରାହୀନତା, ସାମାଜିକ ଦୂରତା, ସାଧାରଣ ଉଦବେଗ ଠାରୁ ଦୂରେଇ ରହିବା ଭଳି ଲକ୍ଷଣ ସବୁ ଦେଖାଯାଏ ।

ମୋବାଇଲ ଫୋନର ବହୁଳ ବ୍ୟବହାର ଲୋକଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଛି । ଏହା ସମସ୍ତେ ଜାଣି ସାରିଲେଣି । ଏଣୁ ଏବେ ସଚେତନ ହେବାର ସମୟ ଆସିଛି । ଘଣ୍ଟା ଘଣ୍ଟା ମୋବାଇଲ ଫୋନ ବ୍ୟବହାର କରିବା ଦ୍ୱାରା ଆମ ମସ୍ତିଷ୍କ କ୍ଲାନ୍ତ ହୋଇପଡ଼େ । କ୍ଲାନ୍ତ ମସ୍ତିଷ୍କ ଅନ୍ୟ କୌଣସି କାର୍ଯ୍ୟ କରିପାରେନାହିଁ । ଅନ୍ୟ କାର୍ଯ୍ୟ ଠାରୁ ମଧ୍ୟ ଦୂରେଇ ରହିବାକୁ ଆମକୁ ବାଧ କରେ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ଲୋକେ ମଧ୍ୟ ମୋବାଇଲରେ ଅଧିକ ସମୟ ଅତିବାହିତ କରୁଛନ୍ତି । ଯାହାକି ସେମାନଙ୍କୁ ସୁସ୍ଥ ମାନସିକ ସ୍ଥିତି ପ୍ରଦାନ କରୁନାହିଁ । ବର୍ତ୍ତମାନର ସମୟକୁ ଦେଖନ୍ତୁ ହାତ ପାହାନ୍ତାରେ ଆମ ସମୟର ସୂଚନା ପ୍ରଯୁକ୍ତିର ସର୍ବଶ୍ରେଷ୍ଠ କୌଶଳଟି କିପରି ଆମ ପାଇଁ ସୁଖଦ ଅପେକ୍ଷା ଦୁଃଖଦରେ ପରିଣତ ହେଲାଣି । ତେବେ କରୋନା ସମୟରେ ୱାର୍କ ଫର୍ମ ହୋମ ବ୍ୟବସ୍ଥା ଓ ଅନେକ ଅନଲାଇନ କାର୍ଯ୍ୟକ୍ରମ ଲୋକମାନଙ୍କ ଭିତରେ ମୋବାଇଲ ସହିତ ଆସକ୍ତିକୁ ତୀବ୍ର ଭାବେ ବଢ଼ାଇ ଦେଇଛି । ସେହିପରି ଅନଲାଇନ ପେମେଣ୍ଟ ହେଉ ବା ଯେକୌଣସି ଆର୍ଥିକ ଦେଣନେଣ ସହ ଖବର କାଗଜ ପଢ଼ା ଏବଂ ସମସ୍ତ ସୂଚନା ଏହି ମୋବାଇଲରେ ଉପଲବ୍ଧ ରହୁଥିବାରୁ ଲୋକମାନଙ୍କ ଜୀବନ ଶୈଳୀରେ ଏହା ଏପରି ଜଡ଼ିତ ହୋଇଗଲାଣି ଯେ ସାମାନ୍ୟ ମୁହୂର୍ତ୍ତଟି ଲୋକମାନେ ପାଇବା ମାତ୍ରେ ମୋବାଇଲକୁ ତତ୍‌କ୍ଷଣାତ ହାତରୁ କାଢ଼ିବା ପାଇଁ ମଧ ଚାହୁଁନାହାଁନ୍ତି । ଏହା ଯେଭଳି ଏକ ମାନସିକତା ଠିକ ସେହିପରି ଭାବରେ ଏକ ଫୋବିଆର ରୂପ ନେଲାଣି ।

ଏନେଇ ସେତେଟା ବ୍ୟସ୍ତ ହେଲେ ମଧ ଏହା ପାଇଁ ଏକ ସର୍ବନିମ୍ନ ସଚେତନତା ଓ ଭଲ ରୁଟିନର ଜୀବନଟି ତିଆରି କରିପାରିଲେ ଏହି ବର୍ଗର ପୀଡ଼ିତମାନେ ଏଥିରୁ ନିସ୍ତାର ପାଇପାରିବେ । ସର୍ବପ୍ରଥମେ ନିଜକୁ ବୁଝାନ୍ତୁ ଯେ ଆପଣଙ୍କ ନିଜ ବ୍ୟକ୍ତିଗତ ଜୀବନ, ପାରିପାରିବ ଜୀବନ ଓ କର୍ମମୟ ଜୀବନ ଭିତରେ କିପରି ଭାରସାମ୍ୟ ରଖିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅତ୍ୟଧିକ ମୋବାଇଲ ଆସକ୍ତି ଲୋକମାନଙ୍କ ଚିନ୍ତାଶୀଳତା, ସ୍ମୃତିଶକ୍ତି ଓ ବୌଦ୍ଧିକ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ । ହାତରେ ମୋବାଇଲ ନାହିଁମାନେ ସତେଯେପରି ଆମ ଦେହରେ ଜୀବନ ନାହିଁ ଏପରି ମାନସିକତା ଆଦୌ ରଖନ୍ତୁ ନାହିଁ । ଆପଣ ସର୍ବପ୍ରଥମେ ଏକ ରୁଟିନ ତିଆରି କରନ୍ତୁ ଯେ ହାତରେ ମୋବାଇଲ ଫୋନ ନ ରଖି ମଧ ଦିନକୁ କେତେ ଘଣ୍ଟା ସମୟ ଅତିବାହିତ କରିପାରିବି । ନିଜ ଖାଦ୍ୟପେୟ, ବିଶ୍ରାମ ଏସବୁକୁ ଦେଖନ୍ତୁ ଆପଣଙ୍କ ପରିବାର ପାଇଁ ସମୟ ଦିଅନ୍ତୁ, ଆପଣଙ୍କ କର୍ମ ସଂସ୍ଥାନରେ ଥିବା ଦାୟିତ୍ୱକୁ ମଧ ସଠିକ ରୂପେ ନିର୍ବାହ କରନ୍ତୁ ଏ ସବୁ ସତ୍ତ୍ୱେ ଆପଣଙ୍କର ଏହି ମୋବାଇଲ ପ୍ରତି ତୀବ୍ର ଆସକ୍ତି ଯଦି ଆପଣଙ୍କୁ ଛାଡ଼ି ପାରୁନାହିଁ ତାହାହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ । ଏଭଳି କ୍ଷେତ୍ରରେ ଚିକିତ୍ସା ଅପେକ୍ଷା ସଚେତନତା ଅଧିକ ଜରୁରୀ ।

❤ ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ
(ମୋ) : ୯୧୩୨୪୩୩୩୩୩

# ଶ୍ରୁତିମନ୍ତ

## ପତ୍ରିକା ସମୀକ୍ଷା

### ମୌସୁମୀ

ସମ୍ପାଦକ : ଡ. ଶ୍ରୀଧର ସାମଲ
ଠିକଣା : ସା- କଜଳା
ପୋ/ଜି : କେନ୍ଦ୍ରାପଡା
ପିନ୍- ୭୫୪୨୧୧
(ମୋ) ୯୪୩୭୬୦୭୯୯୭
ମୂଲ୍ୟ :୮୦/-




"ଛଳଛଳ ପଣ ନରହିଲେ, ସାବଲୀଳତା ନ ରହିଲେ, ଜୀବନକୁ କଣ ଜୀଇଁହୁଏ ? ଉଦୟମୁଖୀ ସୂର୍ଯ୍ୟର ବିଭା ରଂଗୀନ ନହୋଇ ଯଦି କେବଳ ରୌଦ୍ରଦୀପ୍ତ ହୋଇଥାନ୍ତା ? ବର୍ଷାର ଆଗମ ସମୟରେ ଯଦି ମୟୂର ନୃତ୍ୟ ନକରନ୍ତା, ଆକାଶର ରଂଗରେ ପରିବର୍ତ୍ତନ ନଘଟନ୍ତା, ନବ ପ୍ରଭାତର ସୂଚନା ଯଦି ଫୁଟନ୍ତା ଫୁଲର ସୌରଭ ମିଶ୍ରିତ ନହୁଅନ୍ତା, ମଣିଷର ମନ ହେଉ ବା ପ୍ରକୃତିର ତନୁ ହେଉ, ସେଥିରେ ସ୍ୱାଭାବିକ ଉଲ୍ଲାସ ପ୍ରକାଶିତ ହୁଅନ୍ତା କି ?" ଭଳି ବେଶ୍ ଛଳଛଳ କଥା ରଖିଛନ୍ତି 'କିଛି କହିବାର ଅଛି' ଶୀର୍ଷକରେ 'ମୌସୁମୀ'ର ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦକ କବି ଡ. ଶ୍ରୀଧର ସାମଲ ।

'ମୌସୁମୀ' ପ୍ରକାଶନର କାରଣ ସମ୍ପର୍କରେ ସେ ଆହୁରି ମଧ ଲେଖିଛନ୍ତି ଯେ ମୌସୁମୀ ଆଗମନର ଏହି ଶୁଭଲଗ୍ନରେ, ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ପ୍ରତିଟି ମଣିଷର ମନରେ ଏବଂ ହୃଦୟରେ ହର୍ଷ ମଧୁର ଉଦ୍‌ବେଳନ ସୃଷ୍ଟି କରିବା ପାଇଁ କବିତା ବିଶେଷାଙ୍କଟିଏ ପ୍ରକାଶ କରିବାର ପ୍ରୟାସ କରିଛି । ସୃଜନ ପ୍ରକ୍ରିୟାର ଶୁଭାରମ୍ଭ 'ରଜ' ଅବସରରେ ଏହା ସାମ୍ନାକୁ ଆସିବ । ପାଠକମାନେ ଆମୋଦିତ ହେବେ, ତାହା ସେମାନଙ୍କର ନିଜସ୍ୱ ଉପଲବ୍ଧି ଉପରେ ନିର୍ଭର କରେ । ଆମେ କିନ୍ତୁ ଚାହିଁବୁ ସେମାନେ କବିତାର ପ୍ରତିଟି ଉଚ୍ଚାରଣରେ ମୁଗ୍ଧ ହଟଅନ୍ତୁ, କବିତାଗୁଡିକ ସାଙ୍ଗିତକତାରେ ମସଗୁଲ ହୋଇ ଦୋଳି ଖେଳନ୍ତୁ, ପ୍ରୀତି ସମ୍ଭାଷଣରେ ରଂଗାୟିତ ହୁଅନ୍ତୁ ।

୬୦ ପୃଷ୍ଠାର ଏହି ପତ୍ରିକାଟିରେ ଶହେରୁ ଉର୍ଦ୍ଧ୍ୱ କବି କବିତା ଲେଖିଛନ୍ତି ।

କବି ସର୍ବଶ୍ରୀ ହରପ୍ରସାଦ ଦାସ, ଡ. ଫନୀ ମହାନ୍ତି, ଡ. ବୈଷ୍ଣବ ଚରଣ ସାମଲ, ହୃଷିକେଶ ମଲ୍ଲିକ, ରଂଜନ କୁମାର ଦାସ, ଡ. ନୃସିଂହ ଚରଣ ଷଡଙ୍ଗୀ, ଶ୍ରୀରାମ ଦାଶ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମୃତ ଋତୁରାଜ, ସୌଭାଗ୍ୟବନ୍ତ ମହାରଣା, ପିନାକୀ ମିଶ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ପ୍ରମୋଦ ମଲ୍ଲିକ, ରକ୍ଷକ ନରୟକ, ଆଶୁତୋଷ ପରିଡା, ପୀତାମ୍ବର ତରାଇ, ଡ. ବିରଜା ରାଉତରାୟ, ମେନ୍ତ ବିଶ୍ୱାଳ, ଡ. ଶ୍ରୀଧର ସାମଲ, ପ୍ରେମାନନ୍ଦ ଖଣ୍ଡୁଆଳ, ରତ୍ନପ୍ରଭା ବାଇ, ବୃନ୍ଦାବନ ଦାସ, ଡ. ଶ୍ରୀହରି ଧଳ, ଧନଞ୍ଜୟ ସ୍ୱାଇଁ. କମଳିନୀ ମଲ୍ଲିକ, ଡ. ସିପ୍ରା ମଲ୍ଲିକ, ଲକ୍ଷ୍ମୀପ୍ରିୟା ମାଇତି, ଭିକାରୀ ଧଳ, ସଚ୍ଚିଦାନନ୍ଦ ମିଶ୍ର, ଲାବଣ୍ୟ ନାୟକ, ଅଭିରାମ ସାହୁ, ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀ, ସୁଚରିତା ମହାନ୍ତି, ରାଜେଶ ପୂଜାରୀ, ଆଶୀଷ ମହାପାତ୍ର, କୈଳାସ ଚନ୍ଦ୍ର ସାହାଣୀ, ପଦ୍ମାଳୟା ସାମଲ, ବାସନ୍ତୀ ମହାନ୍ତି, ମାଙ୍ଗଳିକା, ମହାପାତ୍ର, ବଳରାମ ପୂଜାରୀ, ଅଜୟ କୁମାର ପାତ୍ର, ସୌଭାଗ୍ୟ ଦାଶ, ଅନୀତା ପାଣି, ଶୋଭନା ଜେନା, ପ୍ରଣତି ମହାପାତ୍ର, ସୁଷମା ନାୟକ, ଜ୍ୟୋତ୍ସ୍ନାଶ୍ରୀ ପୁଷ୍ପାରାଣୀ ସେନାପତି, ମାତୃପ୍ରସାଦ ଶତ୍ରୁଜିତ, କୈଳାସ ରାଉତ, ସୁରେନ୍ଦ୍ର କୁମାର ବେହେରା, ଡ. ପ୍ରସନ୍ନ କୁମାର ନାୟକ, ପ୍ରତିଭା ମଂଜରୀ ଜେନା, ଅନୁରାଧା ମିଶ୍ର, ସ୍ୱର୍ଣ୍ଣ ଷଡଙ୍ଗୀ, ରଶ୍ମିରେଖା ବେହେରା, ନିକୁଞ୍ଜ କୁମାର ଘୋଷ, ବିଦ୍ୟାଧର ପଣ୍ଡା, ନିରୂପମା ପାଣି, ପ୍ରଶାନ୍ତ ମହାନ୍ତି, ଡ. ଜ୍ୟୋତ୍ସ୍ନାରାଣୀ କର,ସସ୍ମିତା ପାଣିଗ୍ରାହୀ, ସନ୍ତୋଷିନୀ ଦାଶ, କୈଳାସ ଚନ୍ଦ୍ର ମଲିକ, ସସ୍ମିତା ରାଉତ, ସିପ୍ରା ମହାନ୍ତି, ରମେଶ ଦାସ ଓ ବିଶ୍ୱନାଥ କର ପ୍ରମୁଖଙ୍କ ବେଶ୍ ସୁନ୍ଦର ଉପାଦେୟ କବିତାମାନ ସ୍ଥାନିତ ହୋଇଛି ।

ସୁନ୍ଦର ପ୍ରଚ୍ଛଦ ଥିବା ନିରୋଳା କବିତାକୁ ନେଇ ପ୍ରକାଶ ପାଇଥିବା ମୌସୁମୀର ରଜସଂଖ୍ୟା ନିଶ୍ଚିତ ଭାବେ ପାଠକାଦୃତ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ ।




### ପ୍ରବନ୍ଧ ପ୍ରବାହ

ଲେଖକ : ପ୍ରଭାକର ଦାସ
ପ୍ରକାଶକ : ସ୍ୱାବଲମ୍ବନ, ବାଲେଶ୍ୱର
ମୂଲ୍ୟ :୧୩୦/-

'ପ୍ରବନ୍ଧ ପ୍ରବାହ' ପୁସ୍ତକଟି ବିଶିଷ୍ଟ ଲେଖକ ପ୍ରଭାକର ଦାସଙ୍କ ପଞ୍ଚଦଶ ପ୍ରକାଶିତ ପୁସ୍ତକ ଏବଂ ଏହା ତାଙ୍କର ଦ୍ୱିତୀୟ ପ୍ରବନ୍ଧ ପୁସ୍ତକ । ପୁସ୍ତକରେ ସନ୍ନିହିତ ପ୍ରବନ୍ଧଗୁଡିକ ସାମାଜିକ, ସାଂସ୍କୃତିକ ତଥା ସାହିତ୍ୟ ଭିତ୍ତିକ ।

ଉତ୍ତର ବାଲେଶ୍ୱର ଶୈବପୀଠରେ ଉଡା(ଚଡକ) ଯାତ୍ରାର ପରମ୍ପରା ଠାରୁ ଆରମ୍ଭ ହୋଇ ଉତ୍ତର ବାଲେଶ୍ୱରର ଭାଷା ଓ ଲୋକନୃତ୍ୟ, କେତେକ ଉତ୍ତରବାଲେଶ୍ୱରୀ ଶବ୍ଦ ଓ ସେଗୁଡ଼ିକର ଅର୍ଥ, ନିଶାମୁକ୍ତି ଆନ୍ଦୋଳନ ଏକ ଦୃକ୍‌ପାତ, ବାଳ ଅପରାଧ: କାରଣ ଓ ନିରାକରଣ, ଜଳେଶ୍ୱରର ଐତିହ୍ୟ ଓ ଐତିହାସିକ ସ୍ଥଳୀ, ଆମ ଗ୍ରାମ୍ୟଜୀବନ- ଅତୀତ ଓ ବର୍ତ୍ତମାନ, ଅତୀତର କେତୋଟି ଅନ୍ଧବିଶ୍ୱାସ, ସାହିତ୍ୟ ଓ ପରିବେଶ, ସ୍ୱାଧୀନତା ଆନ୍ଦୋଳନର ସ୍ମାରକୀ : ଚମାରଗାଁ ନାଇବଖାଇ, ଆମ ଦେଶରେ ରାଜତନ୍ତ୍ର ବନାମ ଗଣତନ୍ତ୍ର, ଫକୀରମୋହନଙ୍କ ପ୍ରାୟଶ୍ଚିତ ଉପନ୍ୟାସରେ ଶିରୋନାମାର ଯଥାର୍ଥତା ଆଦି ଏଥିରେ ସମୁଦାୟ ୨୬ଟି ବେଶ୍ ଉଚ୍ଚକୋଟୀର ପ୍ରବନ୍ଧ ସ୍ଥାନିତ ହୋଇଛି । ସମୟାନ୍ତରରେ ଓଡିଆ ଭାଷା ସାହିତ୍ୟ ତାର ସାବଲୀଳତା ହରାଉଥିବା ପରିପ୍ରେକ୍ଷୀରେ ପୁସ୍ତକଟି ନିଜର ସ୍ୱାତନ୍ତ୍ୟ ବଜାୟ ରଖିବ ବୋଲି ଆଶା କରାଯାଇପାରେ ।

❤ ସମୀକ୍ଷା:
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ଜୁଲାଇ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୨)

କଲେଜ ଜୀବନ...(ଙ)

**ସେତେବେଳେ ଉଚ୍ଚଶିକ୍ଷା ପରୀକ୍ଷା ପରିଚାଳନାପାଇଁ ସମଗ୍ର ଓଡିଶାର ଛାତ୍ରଛାତ୍ରୀମାନଙ୍କ ନିମନ୍ତେଏକମାତ୍ର ବିଶ୍ୱ ବିଦ୍ୟାଳୟ ଥିଲା--ଉତ୍କଳ ବିଶ୍ୱ ବିଦ୍ୟାଳୟ। ଯାହାହେଉ,୧୯୬୬ ମସିହା ଶେଷ ଭାଗରେ ପରୀକ୍ଷା ସରିଲା ଓ ଯଥା ସମୟରେ ପରୀକ୍ଷା ଫଳବି ବାହାରିଲା । ମୁଁ ଉତ୍ତୀର୍ଣ୍ଣ ହେଲି ଦ୍ୱିତୀୟ ଶ୍ରେଣରେ ।**

ବନ୍ଧୁ ଗଙ୍ଗାନାରାୟଣ ରଥ ଓ ମୁଁ ପ୍ରଫେସର ପଡାର ଫ୍ରେଣ୍ଡସ୍ କଲୋନୀରେ ଗୋଟିଏ ଛୋଟ କୋଠରି ଭଡାନେଇ ରହିଲୁ। ତାପରେ ମୋତେ ପି.ଜି.ହଷ୍ଟେଲରେ ସ୍ଥାନ ମିଳିବାରୁ ମୁଁ ସେଠାକୁ ଚାଲିଗଲି। ରେଭେନ୍ସା କଲେଜର ପୂର୍ବକୁ ରେଳ ଲାଇନ ଆରପଟେ ଓ.ଏମ.ପି.ଛକ । ତାର ଠିକ୍ ପୂର୍ବକୁ ଲାଗି ପି.ଜି.ହଷ୍ଟେଲ। ପୁରୁଣା ଘର । ମୁଁ ତଳ କୋଠରିରେ ରହିଲି। ସେଥିରେ ଚାରିଜଣ ରହିଲୁଁ। ଏଇଭଳି କେତୋଟି କୋଠରି ଓ ତା' ନିକଟରେ ଏକ ଦୁଇ ମହଲା କୋଠାରେ ଅନେକ ଛାତ୍ର ରହୁଥିଲେ। ଶୁଣିଥିଲି ପୂର୍ବରୁ ତାର ମାଲିକ ଥିଲେ ମୟୂରଭଞ୍ଜ ମହାରାଜା।

ଜଣେ ପ୍ରଫେସର ତତ୍ତ୍ୱାଧାରକ ଭାବରେ ଓ ଆମ ଖାଦ୍ୟ ସଂପର୍କରେ ବୁଝିବାପାଇଁ ଜଣେ ମେସ୍ ମ୍ୟାନେଜର ରହିଥଲେ । ମାସକୁ ଖାଇବା ଖର୍ଚ୍ଚବାବଦକୁ ପ୍ରାୟ ୩୦ଟଙ୍କା ଆମଠୁ ନିଆଯାଉଥିଲା । ସିଟ୍ ରେଣ୍ଟ ଓ ବିଜୁଳି ଦେୟ ସ୍ୱତନ୍ତ୍ର ଭାବରେ କଲେଜ ଅଫିସରେ ଦାଖଲ କରିବାକୁ ପଡୁଥିଲା । ଜଳଖିଆ ଖର୍ଚ୍ଚ ଅଲଗା ନିଜକୁ ବହନ କରିବାକୁ ପଡୁଥାଏ। ୪ଟା ବେଳକୁ ଜଣେ ବିଧବା ବୁଢୀ(ମାଉସୀ) ବରା, ଆଳୁଚପ୍, ଦହିବରା ଇତ୍ୟାଦି ବିକ୍ରିକରିବାକୁ ଆସନ୍ତି ! ଅନେକେ କଲେଜ ଛକକୁ ଯାଇ ସାଉଥ ଇଣ୍ଡିଆନ କେଣ୍ଟିନରେ ବା ଅନ୍ୟତ୍ର ଜଳଖିଆ କରନ୍ତି । ପାଖରେ ଅର୍ଥ ଥିଲେ କିଛି ଅସୁବିଧା ହୁଏନି ।

ମୁଁ ସରକାରଙ୍କୁ ଷ୍ଟଡି ଲୋନ୍ ପାଇଁ ଦରଖାସ୍ତ କରିଥିଲି । ବର୍ଷକୁ ୮୫୦ ଟଙ୍କା ହାରରେ ଦୁଇବର୍ଷରେ ୧୭୦୦ଟଙ୍କା ପାଇଥିଲି। ବାପା ସାମୟିକ ସାହାଯ୍ୟ କରନ୍ତି । କୌଣସି ପ୍ରକାରେ ଚଳିଯାଏଁ । ଘରକୁ ଆସିଲେ ଉତ୍ତର ବାଲେଶ୍ୱରର ପିଲାମାନେ ମୁଢି ନେଇଯାଆନ୍ତି । ଅନ୍ୟ ଅଞ୍ଚଳର ବନ୍ଧୁମାନେ ଆମକୁ ଥଟ୍ଟାକରନ୍ତି ସିନା, କିନ୍ତୁ ଆମଠୁ ମୁଢି ଓ ଚାଉଳ ଭଜା (କଡକଡା ) ମାଗିକି ଖାଆନ୍ତି ।

ସମସ୍ୟା ଦେଖାଦେଲା ବହି କିଣିବା ପାଇଁ। କଲେଜ ଲାଇବ୍ରେରୀରୁ ବହି ଆଣି ପଢେ । ଆମର ଅର୍ଥନୀତି ବିଭାଗର ସେମିନାର ପାଠାଗାରରେ ମଧ୍ୟ ଆବଶ୍ୟକ ବହି ରହିଥାଏ । ତେବେ କେତେକ ଛାତ୍ର ଦିନରାତି ସେଠାରେ ପଢାପଢି କରୁଥିବାରୁ ମୋଭଳି ଅନେକେ ସେଠାରୁ ବହି ପାଇପାରୁନଥିଲୁ । ମୁଁ କେତେକ ବହି କଣିଲି। ବାଲେଶ୍ୱରର ସ୍ୱର୍ଗତ ପ୍ରିୟନାଥ ସାହୁ ମଧ୍ୟ ବହି କିଣିବାପାଇଁ କିଛି ଆର୍ଥିକ ସହାୟତା କରିଥିଲେ। ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଆମର ପ୍ରଫେସର ଓ ବିଭାଗୀୟ ମୁଖ୍ୟଥିଲେ ପ୍ରଃଡ.ଡି.ସି ବା ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ଓ ରିଡାର ଥିଲେ ପ୍ରଃକ୍ଷେତ୍ର ମୋହନ ପଟ୍ଟନାୟକ ପଭୃତି ।

୧୯୬୫ମସିହା ପ୍ରାୟ ଦୁର୍ଗାପୂଜା ପୂର୍ବରୁ ଚାଉଳିଆଗଞ୍ଜର ଏକ ରେଡିଓ ଦୋକାନର ମାଲିକ ଓ ରେଭେନ୍ସା କଲେଜର ଛାତ୍ରମାନଙ୍କ ମଧ୍ୟରେ କୌଣସି କାରଣରୁ ଗୋଳମାଳ ଲାଗି ମାରପିଟ ଯାଏଁ କଥାଗଲା। ପୋଲିସ ଲାଠିଚାର୍ଯ କରିବାରୁ ଛାତ୍ରମାନେ କ୍ରୋଧାନ୍ୱିତ ହୋଇପଡିଲେ। ସାରା କଟକ ସହରରେ ଦାବାଗ୍ନିଭଳି ହିଂସାକାଣ୍ଡ ବ୍ୟାପିଗଲା । ସହରରେ ୧୪୪ଧାରା ଜାରି ହେଲା। ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରି ଦିଆଗଲା। ମୁଁ ତହିଁପରଦିନ ଘରକୁ ଚାଲି ଆସିଲି। ସାରା ଓଡିଶାର ଛାତ୍ରସମାଜ ଓ ସରକାର ବିରୋଧୀ ରାଜନେତାମାନେ ଆନ୍ଦୋଳନ ଚଳାଇରଖିଲେ । ପ୍ରାୟ ମାସାଧିକ କାଳ ଆନ୍ଦୋଳନ ଚାଲିବାପରେ ସମାଜର ବିଜ୍ଞ ବ୍ୟକ୍ତିମାନେ ଉଭୟ ସରକାର ଓ ଛାତ୍ରସମାଜକୁ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନକରି ଆନ୍ଦୋଳନ ପ୍ରତ୍ୟାହାର ନିମନ୍ତେ ପରାମର୍ଶ ଦେଲେ। ମାତ୍ର, ସୁଫଳ ନମିଳିବାରୁ ଆଚାର୍ଯ୍ୟ ହରିହର ଅନଶନ କଲେ । ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ଗୁଲଜାରିଲାଲ ନନ୍ଦା ଓଡିଶା ଆସି ସବୁ ବର୍ଗର ଲୋକଙ୍କ ସହିତ ଆଲୋଚନାକରି ସମସ୍ୟାର ସମାଧାନ କଲେ। ଆଚାର୍ଯ୍ୟ ହରିହର ଅନଶନ ପ୍ରତ୍ୟାହାର କଲେ । ଶୃଙ୍ଖଳିତ ଭାବରେ ପାଠପଢା ଚାଲିଲା ।

୧୯୬୬ ମସିହା ପ୍ରାୟ ଅଧାଅଧି ସମୟରୁ ମୋ ମନରେ ବିଷାଦ ଭାବ ସୃଷ୍ଟିହେଲା । ଏମ.ଏ.ପରେ କଣ କରିବି ? ନିଯୁକ୍ତି ମିଳିବକି ନାହିଁ? ଇତ୍ୟାଦି ନାନା ପ୍ରକାରର ଚିନ୍ତା ମୋତେ ଆବୋରି ବସିଲା।

କଟକ ରହଣି ସମୟରେ ମୋର ହାଇସ୍କୁଲ ସହପାଠୀ ଜନାର୍ଦ୍ଦନ ମହାନ୍ତି ଯିଏକି ସେତେବେଳେ ବୁର୍ଲା ମେଡିକାଲ କଲେଜରେ ଅଧ୍ୟୟନ କରୁଥିଲେ, ମଝିରେ ମଝିରେ ମୋ ପାଖକୁ ଆସୁଥିଲେ । ଆମେ ସାଥିହୋଇ ଜୋବ୍ରାନିକଟରେ ମହାନଦୀ ଓ କାଠଯୋଡି ନଦୀ କୂଳରେ ବୁଲିଛୁ। ନରାଜ ଓ ଧବଳେଶ୍ୱର ପୀଠକୁ ଯାଇଛୁ । ବାରବାଟୀ ଷ୍ଟାଡିୟମରେ କ୍ରିକେଟ ଖେଳବି ଦେଖିଛୁ ।ସେ ଚିକିତ୍ସା ବିଜ୍ଞାନରେ ଉଚ୍ଚତର ଉପାଧି ହାସଲକରି ଶେଷରେ କଟକ ଆଚାର୍ଯ୍ୟ ହରିହର କେନସାର ହସପିଟାଲର ଡାଇରେକ୍ଟର ପଦବୀରେ ଥାଇ ଅବସର ନେଇଥିଲେ । ସେ ଏବେ ସ୍ୱର୍ଗବାସୀ ।

ଆମ ଗାଆଁରୁ ମଧ୍ୟ ସମୟସମୟରେ ବିଭିନ୍ନ ଲୋକ ଚିକିତ୍ସାପାଇଁ ଡାକ୍ତରଙ୍କ ପାଖକୁ ଯାଇ ହଷ୍ଟେଲରେ ମୋ ପାଖରେ ରହୁଥିଲେ।

ସେତେବଳେ ଉଚ୍ଚଶିକ୍ଷା ପରୀକ୍ଷା ପରିଚାଳନାପାଇଁ ସମଗ୍ର ଓଡିଶାର ଛାତ୍ରଛାତ୍ରୀମାନଙ୍କ ନିମନ୍ତେଏକମାତ୍ର ବିଶ୍ୱ ବିଦ୍ୟାଳୟ ଥିଲା--ଉତ୍କଳ ବିଶ୍ୱ ବିଦ୍ୟାଳୟ। ଯାହାହେଉ,୧୯୬୬ ମସିହା ଶେଷ ଭାଗରେ ପରୀକ୍ଷା ସରିଲା ଓ ଯଥା ସମୟରେ ପରୀକ୍ଷା ଫଳବି ବାହାରିଲା । ମୁଁ ଉତ୍ତୀର୍ଣ୍ଣ ହେଲି ଦ୍ୱିତୀୟ ଶ୍ରେଣରେ । ପ୍ରଥମ ଶ୍ରେଣୀରେ ପ୍ରଥମ ହେଲେ ଅମର୍ଦ୍ଦା ଗ୍ରାମର ବସନ୍ତ କୁମାର ଦାସ (ଅବସରପ୍ରାପ୍ତ ପ୍ରଫେସର), ଦ୍ୱିତୀୟ ହେଲେ ସଞ୍ଜିବ କୁମାର ହୋତା (ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ) ଓ ତୃତୀୟ ହେଲେ ବଢାପାଳ, ବାଲିଆପାଳର ଗଜେନ୍ଦ୍ର ନାଥ ଦାସ (ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର)। ଏମାନଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ରହିଥିଲା । ଅନ୍ୟ ସହପାଠୀମାନଙ୍କର ବର୍ତ୍ତମାନର ସ୍ଥିତି ମୋତେ ଜଣାନାହିଁ ।

ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବା ଛାତ୍ର ଜୀବନର ପରିସମାପ୍ତି ଘଟିଲା ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଆତ୍ମନିରୀକ୍ଷଣ

ଚେତନାର ଦର୍ପଣ - ୩୫



## ♥ ଲଳିତ ମୋହନ ମିଶ୍ର

ଅଧିକାଂଶ ସମୟରେ ଲୋକମାନେ ନିଜର ଦୋଷ ଦେଖନ୍ତି ନାହିଁ, କିନ୍ତୁ ପରର ତ୍ରୁଟି ଅତିଶୀଘ୍ର ଦେଖାଯାଏ । ଆବଶ୍ୟକତା ହେଉଛି ଆମର ପରର ଦୋଷ ଗୁଡ଼ିକୁ ଦେଖିବା ଅପେକ୍ଷା ନିଜର ଦୋଷ ତ୍ରୁଟିଗୁଡ଼ିକୁ ଦେଖିବା ଉଚିତ୍ । ଏହି ପ୍ରକ୍ରିୟାକୁ ଆତ୍ମନିରୀକ୍ଷଣ କୁହାଯାଏ । ଏହି ମହତ୍ତ୍ୱପୂର୍ଣ୍ଣ ବିଶେଷତା କେବଳ ମନୁଷ୍ୟକୁ ଦିଆଯାଇଛି । ମନୁଷ୍ୟ ଆତ୍ମସଚେତନ ଥିବା ବେଳେ ପଶୁମାନେ କେବଳ ସଚେତନ। ଅର୍ଥାତ୍ ମନୁଷ୍ୟ ନିଜକୁ ଜାଣିବାର ସାମର୍ଥ୍ୟ ଅଛି । ନିଜ ଖରାପ ଗୁଣ ଜାଣିଲେ ତାହା ଦୂର ହେବ । ପଶୁମାନେ ବାହ୍ୟ ଜିନିଷ ବିଷୟରେ ଜାଣିପାରୁଥିବା ବେଳେ ନିଜକୁ ଜାଣିବା ସେମାନଙ୍କ ନିୟନ୍ତ୍ରଣରେ ନାହିଁ। ଏହି ବିଶେଷ ଦକ୍ଷତାର ମର୍ଯ୍ୟାଦା ସେତେବେଳେ ହିଁ ହୋଇଥାଏ, ଯେତେବେଳେ ଏହା ଆମର ଦୋଷ ଏବଂ ବିକୃତିକୁ ବୁଝିବା ଏବଂ ଦୂର କରିବା ପାଇଁ ବ୍ୟବହୃତ ହୁଏ । ଆମର ଚିନ୍ତାଧାରା ପ୍ରତି ଧ୍ୟାନ ଦେବା ଉଚିତ୍ । ଯେହେତୁ ଆମର ଦୃଷ୍ଟିକୋଣ ଅନ୍ତର୍ମୁଖୀ , ଆମେ ଆବିଷ୍କାର କରିବା ଯେ ଆମର ଅଧିକାଂଶ ସମୟ ବେକାର ବିଷୟରେ ଚିନ୍ତା କରି ବିତାଉଥାଉ । ବେଳେବେଳେ ଆପଣ ଯାହାକୁ ଖରାପ ଭାବିଥାନ୍ତି, ସେମାନେ ଅର୍ଥହୀନ କଳ୍ପନା କରିଥାନ୍ତି । ଏଥିରେ ମାନସିକ ଶକ୍ତି ନଷ୍ଟ ହୋଇଥାଏ। ଅନ୍ୟର ମନ୍ଦ କାମ କରିବା, ସେମାନଙ୍କୁ ବିଚଳିତ କରିବାର ଉପାୟ ଚିନ୍ତା କରିବା ପରିବର୍ତ୍ତେ ଆମେ ନିଜ ଚିନ୍ତାଧାରାକୁ ସଠିକ୍ ଦିଗରେ କେନ୍ଦ୍ରୀଭୂତ କରିବା ଉଚିତ୍ । ଆତ୍ମ-ଉନ୍ନତିର ପଦ୍ଧତିକୁ ଏଥିରେ ଯୋଡ଼ା ନଗଲେ ଆତ୍ମସମୀକ୍ଷାର କ୍ରମ ଅସମ୍ପୂର୍ଣ୍ଣ । ଅର୍ଥାତ୍ ଈର୍ଷା ଘୃଣା ଭଳି ଅନେକ ଦୋଷ ଦୂର କରି ମନରେ ଭଲ ପ୍ରବୃତ୍ତିକୁ ସ୍ଥାନ ଦେବା। ଏହି କାମ କେବଳ ଚାଷ ପରି । କୃଷକଟି ବୁଣିବା ପୂର୍ବରୁ କ୍ଷେତରୁ ଘାସ ହଟାଇବା ଆରମ୍ଭ କରିଦିଏ ଏବଂ ଫସଲ ବଢିବା ପରେ ମଧ୍ୟ ନିଜର ଗଛ କାଟିବା କାର୍ଯ୍ୟକ୍ରମକୁ ଛାଡ଼େ ନାହିଁ । ସେହିଭଳି ଆମ ଆଚରଣରେ ଦୟା, କରୁଣା, ସେବା ଓ ସହୃଦୟତାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବା । ଆପଣ ଏହାକୁ ଅଭ୍ୟାସ କରିବା ମାତ୍ରେ, ଆପଣଙ୍କର ଦୋଷ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବ। ଯେଉଁଠାରେ ପୂର୍ବରୁ କେବଳ ଅନ୍ୟର ଦୋଷ ଦେଖାଯାଉଥିଲା ଏବଂ ନିଜ ଭିତରେ କେବଳ ଗୁଣ ଦେଖା ଯାଉଥିଲା, ଏବେ ଅନ୍ୟମାନଙ୍କର ଗୁଣ ଓ ନିଜ ଭିତରେ ଥିବା ଦୋଷ ମଧ୍ୟ ଦୃଶ୍ୟମାନ ହେବ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ବେରୋଜଗାରିଆ ପୁଅକୁ ସମ୍ମାନ ମିଳେନି

## ଦିପ୍ତିମୟୀ ନାୟକ



ଆମ ସମାଜରେ ଏମିତି କିଛି ପରିବାର ଅଛି ଯେଉଁ ପରିବାର ଭିତରେ ରହି ଗୋଟେ ଭେଣ୍ଡାପୁଅ କର୍ମକୁଡିଆର ଆଖ୍ୟା ପାଇଛି । ଆଖିର ଲୁହକୁ ସମସ୍ତଙ୍କ ଆଗରେ ଲୁଚେଇ ହସିବାର ଅଭିନୟ କରିଚାଲିଛି । କେବେ ସେ କାନ୍ଦେ ନିରୋଳା ସ୍ଥାନରେ । କେବେ ସେ କାନ୍ଦେ ମା'ର ପଣତ କାନିତଳେ ଆଉ କେବେ କାନ୍ଦେ ତା ବିଛଣା ଉପରେ । ଲୁହ ଭିଜା ଆଖିରେ ଯେବେ ସେ ନିଜକୁ ଖୋଜେ ସମସ୍ୟା ଠାରୁ ତା ଆପଣାର ଲୋକଙ୍କ କଥା ବେଶି ବାଧେ । ମା' ସିନା ଜନ୍ମ ଦିଏ କର୍ମ ଦିଏନି । କର୍ମ କରିବାକୁ ହେଲେ ନିଜର ପରିଶ୍ରମ ଜାରି ରଖିବାକୁ ପଡିଥାଏ । ପରିଶ୍ରମ ଫଳ ଯେତେବେଳେ ମିଳେନି ପୁଅଟି କରିବ ତ କଣ କରିପାରିବ । ଆଖିରୁ ଲୁହ ଝରିଲେ ଲୋକେ କହିବେ ପ୍ରେମରେ ଅସଫଳ । ମନକୁ ନୀରବ ରଖିଲେ କାହା ଭାବନାରେ ଏ ଏତେ ସ୍ଥିର । ଦୂରେଇ ରହିଲେ କାହା ଚକରରେ ପଡିଛି ଏତେ ଦୂରେଇ ଦୂରେଇ ରହୁଛି । ହେଲେ ପ୍ରକୃତ ସତ ଆଉ କିଛି ଥାଏ । ତା ଜୀବନରେ ଯେତିକି ସମସ୍ୟା ଥାଏ ବୋଧହୁଏ ତା ଛଡା ଅନ୍ୟକେହି ହୃଦୟଙ୍ଗମ କରିପାରେନି । ପିଲାର ମନ କଥା ବାପା-ମା' ବୁଝନ୍ତି ଆଉ ଯେତେବେଳେ ସେହି ବାପା-ମା' ପିଲାକୁ ଯାଡୁ ସିଆଡୁ କିଛି କହିଦିଅନ୍ତି ସେତେବେଳେ ପିଲାଟି ସତରେ ଭାଙ୍ଗିପଡେ କାରଣ ପିଲାଟି ଜାଣିଥାଏ ଏ ଦୁନିଆରେ ତାକୁ କିଏ ବୁଝୁ କି ନବୁଝୁ ତା ବାପା-ମା' ତାକୁ ନିଶ୍ଚିନ୍ତ ବୁଝିବେ ହେଲେ ସେମିତି କିଛି ପରିବାରରେ ହୁଏନି କି ସବୁ ବାପା-ମା' ସମାନ ନୁହଁନ୍ତି । ଆଜିର ଦୁନିଆରେ ଏମିତି କିଛି ବାପା-ମା' ଅଛନ୍ତି ଯେଉଁମାନେ କେବଳ ଗୋଟେ ରୋଜଗାରିଆ ପୁଅ ଚାହାଁନ୍ତି ଆଉ ବେରୋଜଗାରିଆ ପୁଅକୁ ଗୁଞ୍ଜଣା ଦିଅନ୍ତି। ଯେତେବେଳେ ଯାହା ପାଆନ୍ତି ସେୟା ଶୁଣେଇଦିଅନ୍ତି ଶେଷରେ କର୍ମକୁଡିଆ କହିଦିଅନ୍ତି। ସେହି ବାପା-ମା' ଥରେ ଭାବିବା ଉଚିତ ଯେ କର୍ମକୁଡିଆ କାହାକୁ କୁହନ୍ତି । କେହି ଜାଣି ଜାଣି କର୍ମକୁଡିଆ ହୋଇନଥାଏ କିଛି ପରିସ୍ଥିତି ବାଧ୍ୟ କରିଥାଏ ଘରେ ରହିବାକୁ । ଭେଣ୍ଡା ପୁଅକୁ ଏମିତି କଟୁ କଥା କହିବା ଉଚିତ ନୁହେଁ କାରଣ ଚାକିରୀ ମିଳିଲେ ପିଲା ନିଶ୍ଚିନ୍ତ ଚାକିରୀ କରିବ କିନ୍ତୁ ଯଦି କେଉଁଠି ଚାକିରୀ ନମିଳେ ସେ ଅବା କଣ କରିପାରିବ । ଆପଣମାନେ ଯେମିତି ଅସ୍ଥିର ହେଉଛନ୍ତି ଆପଣଙ୍କ ପିଲା କେଉଁଠି ଚାକିରୀ କରୁ । ଆପଣଙ୍କ ପିଲା ମଧ୍ୟ ସେତିକି ଅସ୍ଥିର ହେଉଛି ଚାକିରୀ ଖଣ୍ଡେ କରିବାପାଇଁ କିନ୍ତୁ ଚାକିରୀ ନମିଳିଲେ କର୍ମକୁଡିଆ କିଏ କେମିତି ହୋଇପାରିବ ।

ଅନୁଭୂତିରୁ ଚେନାଏ କଥା ଥରେ ମୁଁ ଅଫିସରୁ ଆସୁଥାଏ ଆଉ ବାଟରେ ଗୋଟେ ଭେଣ୍ଡା ପୁଅକୁ ତା ବାପା-ମା' କର୍ମକୁଡିଆ କହୁଥିବାର ଶୁଣିଲି ତାପରେ ମୁଁ ସେହି ବାଟ ଦେଇ ଘରକୁ ଚାଲି ଆସିଲି । ପୁଣି କିଛି ଦିନ ପରେ ସେହି ବାଟଦେଇ ଅଫିସ ଗଲାବେଳେ ସେହି ପରିବାରରେ ପାଟି ତୁଣ୍ଡ ଶୁଣିଲି ତାପରେ ସେହି ଭେଣ୍ଡିଆ ପୁଅର ଆଖିର ଲୁହକୁ ଦେଖିଲି ଶେଷରେ ଏହାର ପ୍ରକୃତ କାରଣ କଣ ବୋଲି ସେହି ପାଖ ପଡୋଶୀଙ୍କୁ ପଚାରିବାକୁ ଲାଗିଲି ଆଉ ଜାଣିବାକୁ ପାଇଲି ପୁଅଟିର ଗ୍ରାଜୁଏସନ ସରିବାପରେ ମଧ୍ୟ ସେ କୌଣସି ସ୍ଥାନରେ ଚାକିରୀ ପାଉନି ଯାହାଫଳରେ ତା ବାପା-ମା' ତାକୁ କର୍ମକୁଡିଆ କହୁଛନ୍ତି । ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇଗଲି ଆଉ ଭାବିଲି ମୁଁ ଯେଉଁ ପରିବେଶ ଭିତରେ ରହୁଛି ସେଠି କଣ ଏମିତି ସବୁ ହେଉଛି। ମୁଁ ତ ଶୁଣିଥିଲି ଅନ୍ୟକେହି ଯଦି ନିଜ ପିଲାକୁ କର୍ମକୁଡିଆ କୁହେ ସେତେବେଳେ ବାପା-ମା' ମାନେ ଚିହିଁକି ଉଠନ୍ତି ଆମ ପିଲାଙ୍କୁ କାହିଁକି ଏମିତି କହିଲ ଆମ ପିଲାର ବୟସ ହେଉ ସେ ଚାକିରୀ କରିବ କିନ୍ତୁ ପରିବାର ଭିତରେ ଯଦି କିଛି ଆର୍ଥିକ ସମସ୍ୟା ନଥାଏ ତାହେଲେ କାହିଁକି ଗୋଟେ ପୁଅକୁ ଆଜିର କିଛି ବାପା-ମା' ଏମିତି କଥା କୁହନ୍ତି ।

ତେବେ ସବୁବେଳେ ପିଲାଙ୍କ ଚାକିରୀକୁ ନେଇ ପିଲାଙ୍କ ଉପରେ ବିରକ୍ତ ହୁଅନ୍ତୁନି କାରଣ ପିଲା ମନ କେତେବେଳେ କଣ ଭୁଲ ନିଷ୍ପତି ନେଇଯିବ ତାହା କେହି କହିପାରିବେନି । ଯଦି ଆପଣଙ୍କ ପିଲାର ପରିଶ୍ରମ ବୃଥା ନୁହେଁ ତେବେ କାହିଁକି ଆପଣ ଆପଣଙ୍କ ପିଲାକୁ ଏତେ ଅବିଶ୍ୱାସ କରୁଛନ୍ତି । କାହିଁକି ନିଜ ପିଲାଙ୍କୁ ଏମିତି କଟୁ କଥା କହୁଛନ୍ତି । ବାପା-ମା' ଆକଟ ଶାସନ କରନ୍ତି ପିଲାର ଖରାପ ସମୟରେ ପିଲାର ପାଖେ ପାଖେ ରୁହନ୍ତି ହେଲେ ଆଜିର କିଛି ବାପା-ମା' ପିଲାର ଅର୍ଥ ଚାହାଁନ୍ତି ପିଲାକୁ ନୁହେଁ । ଆମ ସମାଜରେ ଅନେକ ପରିବାର ବାହାରିବ ଯେଉଁଠି ଗୋଟେ ପୁଅଟିଏ ବାରମ୍ବାର କର୍ମକୁଡିଆର ଆଖ୍ୟା ପାଇ ନିଜ ଜୀବନକୁ ହୀନ ମନେକରୁଥିବ । ଜୀବନ ହୀନ ନୁହେଁ ହୀନ ଭାବନା ମଣିଷକୁ ଛୋଟ କରିଦିଏ । ତେଣୁ ଯଦି ଆପଣ ଆପଣଙ୍କ ପିଲାଙ୍କ ଚାକିରୀକୁ ନେଇ ଚିନ୍ତିତ ତେବେ ଆପଣ ଆପଣଙ୍କ ପିଲାକୁ ସର୍ବପ୍ରଥମେ ସାନ୍ତ୍ୱନା ଦିଅନ୍ତୁ । ଚାକିରୀଆ ପୁଅ ପରିବର୍ତ୍ତେ ବେରୋଜଗାରିଆ ପୁଅକୁ ହିଁ ସେହି ସମ୍ମାନ ଦିଅନ୍ତୁ ଯେଉଁ ସମ୍ମାନ ଆପଣ ଅନ୍ୟମାନଙ୍କୁ ଦେଉଛନ୍ତି ।

♥ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ସ୍ଲଟ ବୁକିଂ କରି ଶ୍ରୀଜିଉଙ୍କ ଦର୍ଶନ କେତେ ଯୁକ୍ତିଯୁକ୍ତ ?



## ନେତାଜୀ ତାପସ କୁମାର ସାହୁ



କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବିଶ୍ୱର କୋଣଅନୁକୋଣରେ ଥିବା ଭକ୍ତମାନେ ପୁରୀକୁ ଦୈନିକ ଦୌଡ଼ି ଆସିଥାନ୍ତି । ଜୀବନ୍ତ ଦିଅଁଙ୍କ ମାନବୀୟ ଲୀଳାର ସାନ୍ନିଧ ଲାଭ କଲେ ମନୁଷ୍ୟ ଜୀବନ କୃତାର୍ଥ ହୁଏ ବୋଲି ପ୍ରତିଟି ଜଗନ୍ନାଥ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଛି। କିନ୍ତୁ ନିକଟରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କହିଲେ ଭିଡ ନିୟନ୍ତ୍ରଣ ପାଇଁ ଆଗକୁ ସ୍ଲଟ ବୁକିଂ କରି ଦର୍ଶନ ବ୍ୟବସ୍ଥା କରାଯିବ, ଯାହା ଫଳରେ ଭକ୍ତ ମାନେ ସୁରୁଖୁରୁରେ ଯିବାଆସିବା କରିପାରିବେ । ଗଜପତି ମହାରାଜଙ୍କ ପ୍ରତି ସମ୍ମାନ ସବୁବେଳେ ରହିଥିଲା, ରହିଛି ଏବଂ ରହିବ, କାରଣ ତାଙ୍କର ପୂର୍ବ ପୁରୁଷ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କ ପରି ବୀର ଗଜପତି ମାନେ ଜଗନ୍ନାଥଙ୍କ ପାଇଁ ନିଜର ଜୀବନକୁ ତୁଚ୍ଛ କରି ମହାପ୍ରଭୁଙ୍କୁ ସର୍ବସ୍ୱ ସମର୍ପଣ ପୂର୍ବକ ଓଡ଼ିଆ ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ମାତ୍ର ପ୍ରଶ୍ନ ଉଠୁଛି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କେଉଁ ଆଧାରରେ ଏହି ସ୍ଲଟ ବୁକିଂ ଦର୍ଶନ କଥା କହିଲେ ?

ଚାରିଦ୍ୱାର ଯାହାକି ଧର୍ମ, ଅର୍ଥ, କାମ ଓ ମୋକ୍ଷର ପ୍ରତୀକ ବୋଲି ଯେଉଁଠି ବିବେଚନା କରାଯାଏ, ସେଠାରେ କଣ ଭକ୍ତ ମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ ନାହିଁ କି ? ଶ୍ରୀମନ୍ଦିର ପ୍ରଶାସନ କଣ ଧାଡ଼ି ଦର୍ଶନ, ସାହାଣ ମେଲା ସମୟରେ କିପରି ପୂର୍ବରୁ ଦର୍ଶନ କରାଯାଉଥିଲା ତାହା ଭୁଲିଯାଇଛି ବୋଧେ । ଯେଉଁଠି ଗୋଟିଏ ଦିନରେ ମହାପ୍ରଭୁଙ୍କ ଅବକାଶ, ମଇଲମ, ତଡପଲାଗି, ସକାଳ ଧୂପ, ଭୋଗ ମଣ୍ଡପ ଠାରୁ ବଡ଼ସିଂହାର ଯାଏଁ ୧୧୯ ପ୍ରକାରର ନୀତିକାନ୍ତି ଅନୁଷ୍ଠିତ ହେଉଛି, ସେଠାରେ ସମୟ ନିର୍ଘଣ୍ଟ କରି ଦର୍ଶନ କରିବା କେତେ ଦୂର ଯୁକ୍ତିଯୁକ୍ତ ? ଯେଉଁମାନେ ଛପନ ଭୋଗ, ମହାପ୍ରସାଦ ସେବନ କରିବା ପାଇଁ ଶ୍ରୀମନ୍ଦିରକୁ ଆସିଥାନ୍ତି କିମ୍ବା ଜନ୍ମଦିନ, ବିବାହ, ଏକାଦଶାହ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମହାପ୍ରସାଦ ଆନନ୍ଦ ବଜାରରୁ ନେଇ ବିତରଣ କରିଥାନ୍ତି, ସେମାନେ ମଧ୍ୟ ଏହି ସମୟ ନିର୍ଘଣ୍ଟ ବ୍ୟବସ୍ଥାରେ ଛନ୍ଦି ହୋଇ ନୈବେଦ୍ୟ କାଣିଚାଏ ପାଇବାରୁ ବଞ୍ଚିତ ହେବା ସୁନିଶ୍ଚିତ କ୍ଷ ସେହିପରି ସ୍ଲଟ ବୁକିଂ କରି ପୁରୀ ବାସିନ୍ଦା ଏବଂ ଜିଲ୍ଲା ତଥା ରାଜ୍ୟ ବାହାରରୁ ଆସୁଥିବା ଭକ୍ତ ମାନଙ୍କ ମଧ୍ୟରେ ଦର୍ଶନ ନିମନ୍ତେ ତାରତମ୍ୟ ଆହୁରି ବଢିଯିବ।

ଅନେକ ସମୟରେ ଦେଖା ଯାଏ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ସମୟ ନିର୍ଘଣ୍ଟରେ ବିଳମ୍ବ ହୁଏ, ମାତ୍ର ଭକ୍ତଟିଏ ତାକୁ ଭୁଲି ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରିଥାଏ । କିନ୍ତୁ ଏହି ସ୍ଲଟ ବୁକିଂ ବ୍ୟବସ୍ଥା ହେଲେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହିଁ ଜଣେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିପାରିବ ବୋଲି ଯେଉଁ ବିଚାର କରାଯାଉଛି ଯଦି ଉକ୍ତ ସମୟରେ ନୀତି ବିଳମ୍ବ ହୁଏ ତେବେ ପରବର୍ତ୍ତୀ ସ୍ଲଟ ବୁକିଂରେ ଯେଉଁ ଭକ୍ତ ମାନେ ଆସିବେ ତାହା ଭିଡ ହେବ ନାହିଁ କି ? ବେଳେବେଳେ ଦେଖା ଯାଏ ମନ୍ଦିର ଭିତରେ ରକ୍ତ ପଡିଲେ, କେହି ବାନ୍ତି କରିଲେ କିମ୍ବା ଅନ୍ୟ କିଛି କାରଣ ପାଇଁ ଶ୍ରୀଜିଉ ମାନଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ ଏବଂ ସେ ସମୟରେ ସମସ୍ତ ନୀତିକାନ୍ତି ବନ୍ଦ ରୁହେ। ଖାଲି ସେତିକି ନୁହେଁ ପ୍ରତି ସପ୍ତାହର ପ୍ରାୟତଃ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହୋଇଥାଏ, ଯେଉଁ ସମୟରେ ପାଖାପାଖି ଦୁଇରୁ ଚାରି ଘଣ୍ଟା ଦର୍ଶନ ବନ୍ଦ ରୁହେ । ଏତତ୍ ବ୍ୟତୀତ ବର୍ଷର ବାର ମାସର ବିଭିନ୍ନ ମାସରେ ନାନବିଧ ନୀତି ଓ ଯାତ୍ରା ମହାପ୍ରଭୁଙ୍କର ଅନୁଷ୍ଠିତ ହେଉଥିବାରୁ ଏହି ସ୍ଲଟ ବୁକିଂ ଦର୍ଶନ ଯୁକ୍ତିଯୁକ୍ତ ନୁହ । ଗଜପତି ମହାରାଜାଙ୍କଠୁ ନେଇ ଭିଆଇପିମାନେ ଯେବେ ବି ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସିଥାନ୍ତି ସେମାନେ କେବେହେଲେ ଧାଡ଼ିରେ ଠିଆ ହୁଅନ୍ତି ନାହିଁ ବରଂ ତାଙ୍କ ପାଇଁ ଓଲଟା ଶ୍ରୀମନ୍ଦିର ପ୍ରଶାସନ ତତ୍ପର ହୋଇପଡେ । ତାହେଲେ ସାଧାରଣ ଭକ୍ତଙ୍କ ପାଇଁ ଏହି ଅବିଚାର କଣ ପାଇଁ ? କଣ ମହାପ୍ରଭୁ କେବଳ ଭିଆଇପି ଓ ଅନଲାଇନ୍ ସ୍ଲଟ ବୁକିଂ କରି ପାରୁଥିବା ଲୋକଙ୍କ ଠାକୁର ?

କିଛି ବର୍ଷ ତଳେ ଯେତେବେଳେ ଶ୍ରୀମନ୍ଦିର ସେବାୟତ ଓ ପ୍ରଶାସନ ମଧ୍ୟରେ ବିବାଦ ଉପୁଜିଥିଲା, ତତ୍କାଳୀନ ଜଣେ ପୋଲିସ ଅଧିକାରୀ କହିଥିଲେ ମନ୍ଦିର ନିକଟରେ ଭିଡ଼ ନ କରି ସମୁଦ୍ର କୂଳରେ ବୁଲାବୁଲି କରନ୍ତୁ । ମନ୍ଦିର ଖୋଲିଲେ ସୂଚନା ଦିଆଯିବ ଏବଂ ଆପଣ ମାନେ ଆସିବେ । ଏହି ଘଟଣା ସାମ୍ପ୍ରତିକ ସମୟରେ ପୁଣିଥରେ ଉଜ୍ଜୀବିତ ହୋଇ ଉଠିଛି । ଯେଉଁମାନେ ସ୍ଲଟ ବୁକିଂ କରିଥିବେ ଏବଂ ନୀତି ବିଳମ୍ବ କୌଣସି କାରଣରୁ ହେବ ସେମାନେ କଣ ଏମିତି ଦର୍ଶନରୁ ବଞ୍ଚିତ ହୋଇ ଅନ୍ୟତ୍ର ବୁଲାବୁଲି କରିବେ କି ? ଯେଉଁଠି ଅନଲାଇନ୍ ବୁକିଂରେ ଠକେଇ ହେଉଥିବାର ନିତିଦିନ ଅଭିଯୋଗ ଆମେ ଦେଖୁଛୁ, ଅନେକ ଠକ ସଂସ୍ଥା ଅନଲାଇନରେ ମହାପ୍ରସାଦ, ଶୁଖିଲି ଭୋଗ, ନିର୍ମାଲ୍ୟ ବିକ୍ରି କରୁଥିବାର ଅଭିଯୋଗ ଆସୁଛି ସେଠାରେ ଏହି ଅନଲାଇନ ସ୍ଲଟ ବୁକିଂ ଦର୍ଶନରେ ଘୋଟାଲା ହେବାର ସମ୍ଭାବନା ଅଧିକ ରହିଛି । କାରଣ ଭକ୍ତି ଓ ଭାବନା ନାଁରେ ଦୈନିକ କିପରି ଠକେଇ ହେଉଛି ତାହା ସାମାଜିକ ଗଣମାଧ୍ୟମ ଠୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ପ୍ରତାରିତ ହେଉଥିବା ନୀରିହ ମଣିଷଟିଏ ହିଁ ସଠିକ ଢଙ୍ଗରେ କହିପାରିବ । ବଡକଥା ହେଉଛି ଅନେକ ବୃଦ୍ଧ ବୃଦ୍ଧା ଏବଂ ପ୍ରଯୁକ୍ତିବିଦ୍ୟା ସର୍ବୋପରି ଇଣ୍ଟରନେଟ, ଅନଲାଇନ୍ ବୁକିଂ ବିଷୟରେ ଯେଉଁମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ, ସେମାନେ ଏହି ସ୍ଲଟ ବୁକିଂ ବ୍ୟବସ୍ଥାରେ ଠକେଇର ଶିକାର ହେବା ସହ ଅର୍ଥ ପୀଡା ଓ ଶ୍ରୀଜିଉଙ୍କ ଦର୍ଶନରୁ ବଞ୍ଚିତ ହେବା ଏକରକମ ସୁନିଶ୍ଚିତ।

ତେଣୁ ଦେଶର ଅନ୍ୟ ମନ୍ଦିର ସହ ଶ୍ରୀମନ୍ଦିରକୁ ତୁଳନା ନ କରି ସୁରୁଖୁରୁରେ କିପରି ଶ୍ରଦ୍ଧାଳୁ ଭକ୍ତମାନେ ବର୍ଷ ବର୍ଷ ଧରି ଦର୍ଶନ କରି ଆସୁଥିଲେ ଠିକ୍ ସେହିପରି ବର୍ତ୍ତମାନ ସମୟରେ ଦର୍ଶନ ବ୍ୟବସ୍ଥା ଉପରେ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଏବଂ ସରକାର ଗୁରୁତ୍ୱ ଦିଅନ୍ତୁ।

♥ ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩

# ରାହୁଲ ଗାନ୍ଧୀଙ୍କ ଫୋଟଚିତ୍ର ଉପରକୁ ଗୋବର ଫିଙ୍ଗିଥିବାକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ଏସପିଙ୍କ ଜରିଆରେ ଓଡିଶା ପୋଲିସ ମହାନିର୍ଦ୍ଦେଶଙ୍କଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର, ୦୬/୭ (ନି.ପ୍ର): ନିକଟରେ ଭୁବନେଶ୍ୱର ପିସିସି କାର୍ଯ୍ୟାଳୟ ଠାରେ ବିଜେପି କର୍ମକର୍ତ୍ତା ମାନେ ପିସିସି ହତା ଭିତରେ ପଶି ରାହୁଲ ଗାନ୍ଧୀ ଙ୍କ ଫୋଟ ଚିତ୍ର ଉପରକୁ ଗୋବର ଫିଙ୍ଗିବା ଏବଂ କଂଗ୍ରେସ କର୍ମକର୍ତ୍ତା ଙ୍କ ଉପରେ ଟେକା ପଥର ମାରିବା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଓ ଜିଲ୍ଲା ଛାତ୍ରାକଂଗ୍ରେସ ସଭାପତି ଗୌତମ ସାହୁ ଙ୍କ ମିଳିତ ନେତୃତ୍ୱ ରେ ବାଲେଶ୍ୱର ଏସପି ଙ୍କ ଜରିୟାରେ ଏକ ଦାବିପତ୍ର ଓଡିଶା ପୋଲିସ ମହାନିର୍ଦ୍ଦେଶକ ଙ୍କ ପାଖକୁ ପ୍ରେରଣ କରାଗଲା ।ପୋଲିସଲାଇନ ଛକ ସ୍ଥିତ ଆମ୍ବେଦକର ଙ୍କ ସ୍ମୃତି ପୀଠଠାରୁ ଏକ ବିରୋଧ ଶୋଭାଯାତ୍ରାରେ ଯାଇ ଶତାଧିକ କଂଗ୍ରେସ କର୍ମୀ ଏସପି ଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ ।ଏବଂ ଏସପି ଙ୍କ କାର୍ଯ୍ୟାଳୟ ଠାରେ ପହଁଚିବା ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି କହିଥିଲେ ବିଜେପି ପାର୍ଟି କଣ କେବଳ ହିନ୍ଦୁ ଧର୍ମର ।ଆମର ପ୍ରିୟ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ କହିଲେ ହିନ୍ଦୁ କଣ ସବୁ ଧର୍ମର ଶାସ୍ତ୍ର କହୁଛି ଘୃଣା କରନାହିଁ,କାହାରିକୁ ଦରାଓ ନାହିଁ,ସବୁ ଧର୍ମକୁ ସମ୍ମାନ କର ।କିନ୍ତୁ ବିଜେପି ଯିଏ ସବୁବେଳେ ହିନ୍ଦୁ କହୁଛି,ସେ ସବୁବେଳେ ଘୃଣା ସୃଷ୍ଟି କରୁଛି,ସମାଜ ରେ ବିଭେଦ ସୃଷ୍ଟି କରୁଛି। ଅନ୍ୟକୁ ଦରାଉଛି। ଯେଉଁମାନେ ଏଭଳି କରନ୍ତି, ସେମାନେ ହିନ୍ଦୁ ନୁହନ୍ତି। ତେଣୁ ରାହୁଲ ଗାନ୍ଧୀ ବିଜେପିକୁ କହିଲେ ଯେହେତୁ ଏହିଭଳି ଘୃଣା,ଡର, ବିଭେଦ ସୃଷ୍ଟି କରୁଛନ୍ତି ତେଣୁ ଆପଣ ହିନ୍ଦୁ ନୁହନ୍ତି ।ପ୍ରଧାନ ମନ୍ତ୍ରୀ ପାର୍ଲ୍ୟାମେଣ୍ଟ ରେ କହିଲେ ରାହୁଲ ଗାନ୍ଧୀ ହିନ୍ଦୁଙ୍କୁ ଗାଳିଦେଲେ ।କଣ ବିଜେପି କୁ ଗାଳିଦେଲେ ମାନେ ହିନ୍ଦୁଙ୍କୁ ଗାଳି ଦେଲେ। ତେଣୁ ପ୍ରଧାନମନ୍ତ୍ରୀଙ୍କର ଏଭଳି ବକ୍ତବ୍ୟରେ ବିଜେପି କର୍ମୀ ମାନେ ଉତ୍ସାହିତ ହୋଇ ଏଭଳି କୁ କାର୍ଯ୍ୟ କରିଛନ୍ତି। ବିଜେପି ଗୋଟେ ରାଜନୈତିକ ଦଳ ହିନ୍ଦୁ ଙ୍କର ଠିକାଦାର ନୁହଁ , ତେଣୁ ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ର ଆବଶ୍ୟକ ।ସେହିପରି ଜିଲ୍ଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ପଦ୍ମଲୋଚନ ଲେଙ୍କା, ସୁଦର୍ଶନ ଜେନା,ସରୋଜ କୁମାର ଲେଙ୍କା, ବ୍ଲକ ଯୁବ କଂଗ୍ରେସ ସଭାପତି ଯଥାକ୍ରମେ ସଦର ଜୀବନ ମହାପାତ୍ର, ନୀଳଗିରି ଜୟଦେବ ବେହେରା, ବ୍ଲକ ଛାତ୍ର କଂଗ୍ରେସ ସଭାପତି ବସ୍ତା ଅବିନାଶ ନାୟକ, ଜଳେଶ୍ୱର ଜଗନ୍ନାଥ ମହାପାତ୍ର, ରେମୁଣା ସୋମିୟରଞ୍ଜନ ମହାକୁଡ଼, ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଅଂଶଗ୍ରହଣ କରଥିଲେ ।ଏସପି ମୋହଦୟା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଅନ୍ୟ ଅଧିକାରୀ ଏହି ଦାବିପତ୍ର କୁ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ କୁମାର ଦାସ, ଦେବଦତ୍ତ ଦାସ, ନିସିତ ବାରିକ , ନବପ୍ରସଦ ଭୁଇଁଆ, ରାଧାକାନ୍ତ ସାହୁ, ଅକ୍ଷୟ ମଲ୍ଲିକ, କମଲ ଲୋଚନ ରାଉତ, ଚନ୍ଦନ ମହାଳିକ, ସୌରବ ବେହେରା, ସାଦିନ କାଦିର ଅଶ୍ୱିନୀ ପାତ୍ର, ଉର୍ମିଳା ମାଝୀ, ନିରଞ୍ଜନ ବେହେରା, ତୁଷାର କାନ୍ତି ତପସ୍ୱୀ, ଶ୍ରୀକାନ୍ତ ବଗଡ଼ିଆ, କୁମୁଦୁନି ଦାସ,କହ୍ନେଇ ବେହେରା,ଅଛୟୁତ ନନ୍ଦ,ପ୍ରକାଶ ମଲ୍ଲିକ,କମଲ ଲୋଚନ ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ମହାପ୍ରଭୁଙ୍କ ...

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ନୀତିକାନ୍ତିକୁ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ପହଣ୍ଡି ଅପରାହ୍ନ ୧ଟା ୧୦ମିନିଟରୁ ଆରମ୍ଭ ହୋଇ ୨ଟା ୩୦ରେ ସରିବ। ଏହାପରେ ୪ ଟାରେ ଛେରାପହଁରା ଓ ଅପରାହ୍ନ ୫ ଟାରେ ରଥ ଟାଣିବାକୁ ନିର୍ଘଣ୍ଟ ହୋଇଛି ନୀତି। ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁରୀରେ ପୁଲିସ ପ୍ରଶାସନର ଅସମ୍ଭବ ସୁରକ୍ଷା ବ୍ୟବସ୍ଥା। କାରଣ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ବହୁ ହେଭିଓ୍ୱେଟ ସାମିଲ ହେବେ ଘୋଷଯାତ୍ରାରେ। ସୁରକ୍ଷାକର୍ମୀଙ୍କ ସହ ସିସିଟିଭି ବଳୟରେ ସାରା ଶ୍ରୀକ୍ଷେତ୍ର। ରଥଯାତ୍ରା ପାଇଁ ୧୮୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ବଡ଼ଦାଣ୍ଡକୁ ୬ଟି ଜୋନରେ ବିଭକ୍ତ କରାଯାଇଛି। ତା'ସହ ଅତ୍ୟାଧୁନିକ ଜ୍ଞାନ କୌଶଳ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ସହାୟତା ନିଆଯାଇଛି। ୩ ଠାକୁରଙ୍କ ୩ କର୍ଡନ ଦାୟିତ୍ୱରେ ରହିବେ ୩ କମ୍ପାନୀ ରାପିଡ଼ ଆକ୍ସନ ଫୋର୍ସ, ୨ କମ୍ପାନୀ ସିଆରପିଏଫ ଓ ୮ କମ୍ପାନୀ ଏସଓଜି। ସେହିପରି ଆଜି ରାତିରୁ ଲାଗୁ ହେବ ଟ୍ରାଫିକ କଟକଣା। ପ୍ରଥମ ଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହନର ଗଣତି ହେବ। ଇଓ ସହାୟତାରେ ପୁରୀ-ବ୍ରହ୍ମଗିରି, ପୁରୀ-ଭୁବନେଶ୍ୱର ଓ ପୁରୀ-କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବ୍ଲାକସ୍ପଟରେ ଡ୍ରୋନର ନିଆଯିବ ସହାୟତା। ବସ୍ ଓ ୨ ଚକିଆ ଯାନଗୁଡିକ ପାଇଁ ମୋଟ୍ ୨୧ଟି ସ୍ଥାନରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରହିଛି। ରାତି ପାହିଲେ ରଥଯାତ୍ରା। ତା'ପୂର୍ବରୁ ଆଜି ଶରଧାବାଲିରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କନକ ବର୍ଦ୍ଧନ ସିଂଦେଓ।

### ବଡ଼ଦାଣ୍ଡର ସଫେଇ...

ଶରଧାବାଲି ଯାଏ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ବିରଳ ଘଟଣା ସାରା ବିଶ୍ୱରେ ଆଲୋଚନାର ବିଷୟ ହେବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏଣେ ଶରଧାବାଲିରେ ସଫେଇ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କାଲି ବଡ଼ଦାଣ୍ଡକୁ ଆସିବେ ମହାପ୍ରଭୁ ଜଗନ୍ନାଥ, ମହାପ୍ରଭୁ ବଡ଼ଦାଣ୍ଡକୁ ଆସିବା ପୂର୍ବରୁ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସ୍ୱଚ୍ଛତା ଓ ସଚେତନତା ପାଇଁ ଏହି ସଫେଇ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ଏହି ଅବସରରେ ସେ ପ୍ଲାଷ୍ଟିକ ଜରି ବ୍ୟବହାରରୁ ନିବୃତ୍ତ ରହିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

### ରତ୍ନ ଭଣ୍ଡାର ଖୋଲିବା ନେଇ...

ଖୋଲାଯିବ। ତାଲା କିଭଳି ଭଙ୍ଗାଯିବ ସେନେଇ ଏସ୍‌ଓପି ପ୍ରସ୍ତୁତ କରାଯିବ ଓ ଉକ୍ତ ଏସ୍‌ଓପିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଆହୁରି କହିଛନ୍ତି, ଅସ୍ଥାୟୀ ରତ୍ନଭଣ୍ଡାର କେଉଁଠି ହେବ, ସେ ନିଷ୍ପତ୍ତି ପରିଚାଳନା କମିଟି ନେବ। ନୀତିକାନ୍ତି ପ୍ରଥମ, ଶ୍ରଦ୍ଧାଳୁଙ୍କ ଦର୍ଶନ ଦ୍ୱିତୀୟ। ଏହାକୁ ଗୁରୁତ୍ୱ ଦିଆଯିବ। କେବଳ ଗଣତି ମଣତି ନୁହେଁ, ରତ୍ନଭଣ୍ଡାର ମରାମତି ମଧ୍ୟ ଜରୁରୀ। ସେଇଠି ଗହଣା ରଖି ମରାମତି କରାଯାଇପାରିବନି। ଗହଣାକୁ ଅନ୍ୟତ୍ର ନିଆଯିବା ଆବଶ୍ୟକ। କେଉଁଠାକୁ ନିଆଯିବ ଓ କେମିତି ରହିବ, ତାହା ପରିଚାଳନା କମିଟି ନିଷ୍ପତ୍ତି କରିବ। ଅଲଗା ଜାଗାକୁ ସିଫ୍ଟ ସହ ସେଇଠି ଗଣତି, ମଣତି ମଧ୍ୟ କରାଯିବ। ଗଣତି, ମଣତି କିଭଳି କରାଯିବ, ସେନେଇ ଅଲଗା କମିଟି କରାଯିବ। ଆମେ ଗହଣା ଚିହ୍ନି ପାରିବୁନି, ତେଣୁ ସେନେଇ ଅଲଗା ସବ୍ କମିଟି ହେବ। ପୂର୍ବଥର ଏସବୁ କାମ ସଂପନ୍ନ କରିବା ପାଇଁ ୭୦ରୁ ଅଧିକ ଦିନ ଲାଗିଥିଲା। ଏଥର ଶୀଘ୍ର ସରିବ ବୋଲି ଆଶା କରାଯାଉଛି। ଉନ୍ନତ ଟେକ୍ନୋଲୋଜି ଥିବାରୁ ଶୀଘ୍ର ଗଣତି କାମ ସରିବ ବୋଲି ଆଶା କରାଯାଉଛି। ଗଣତି, ମଣତିରେ କିଏ ରହିବେ ଆମେ କେବଳ ପରାମର୍ଶ ଦେବୁ। ନବ ଗଠିତ ରତ୍ନଭଣ୍ଡାର ଯାଞ୍ଚ କମିଟିର ବୈଠକ ଆଜି ଦିନ ୧୧ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ବସିଥିଲା। କମିଟିର ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

### ସୋମବାର ମହାବିଦ୍ୟାଳୟ ...

ଟଣା ହେବ। ୭ ତାରିଖ ରବିବାର ପଡୁଛି। ୮ ତାରିଖରେ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସହିତ, ବ୍ୟାଙ୍କ ଓ କୋର୍ଟ ଆଦି ମଧ୍ୟ ବନ୍ଦ ରହିବ। ରଥଯାତ୍ରାର ସମୀକ୍ଷା ବୈଠକରେ ଯୋଗ ଦେବାକୁ ଜୁଲାଇ ୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଯାଇଥିଲେ। ସେଠାରେ ଟାଉନ୍ ହଲରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତ୍ରୁଟିଶୂନ୍ୟ ଭାବେ ରଥଯାତ୍ରା ସଂପନ୍ନ ପାଇଁ ସମସ୍ତ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ଏହା ପରେ ସେ ରଥଯାତ୍ରା ପାଇଁ ଦୁଇ ଦିନ ଛୁଟି ଘୋଷଣା କରିଥିଲେ।

# ଗାନ୍ଧୀଛକରେ ଦେବସେନାର ବିକ୍ଷୋଭ: ରାହୁଲଙ୍କ ବିରୁଦ୍ଧରେ ବସ୍ତା ଥାନାରେ ଏତାଲା

ବସ୍ତା, ୦୬/୭ (ନି.ପ୍ର): ବସ୍ତା ବ୍ଲକ ଦେବସେନା ତରଫରୁ ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ ନିକଟରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ସହ ରାହୁଲ ଗାନ୍ଧୀଙ୍କ ବିରୋଧରେ ନାରାବାଜି ଦିଆଯାଇଛି । ଲୋକସଭାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ଖୁବ ଶୀଘ୍ର ସେ କ୍ଷମା ମାଗନ୍ତୁ ବୋଲି ଚେତାବନୀ ଦିଆଯାଇଛି । ଆୟୋଜିତ ପ୍ରତିବାଦ ସଭାରେ ଦେବସେନା ଜିଲା ଅଧ୍ୟକ୍ଷ ଶଙ୍କର ଜେନା, ଆଇଟିସି ଅଧ୍ୟକ୍ଷ ସତ୍ୟରଞ୍ଜନ ପାଣି, ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ଉପାଧ୍ୟକ୍ଷା ଅର୍ଚ୍ଚନା ଦତ୍ତ,ମିଡ଼ିଆ ପ୍ରଭାରୀ ସୀତାକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ରାହୁଲଙ୍କ ଏଭଳି ହିନ୍ଦୁ ବିରୋଧୀ ହୀନ ମନ୍ତବ୍ୟ ଦେଶରେ ଗ୍ରହଣୀୟ ନୁହେଁ । ଏହା ହିନ୍ଦୁ ସମାଜ ପାଇଁ ଲଜ୍ୟାଜନକ ।ସେ କ୍ଷମା ନ ମାଗିବା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଦେବସେନା ଆନ୍ଦୋଳନ ଜାରି ରଖିବ ବୋଲି ବକ୍ତବ୍ୟରେ କହିଥିଲେ । ସେନାର କାର୍ଯ୍ୟକର୍ତ୍ତା ଗାନ୍ଧିଛକରୁ ଏକ ଶୋଭାଯାତ୍ରାରେ ବାହାରି ବସ୍ତା ଥାନାରେ ପହଞ୍ଚିଥିଲେ । ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ବସ୍ତା ଥାନା ଆଇଆଇସିଙ୍କୁ ଦେବସେନା ପକ୍ଷରୁ ଏକ ଲିଖିତ ଏତେଲା ପ୍ରଦାନ କରାଯାଇଥିଲା । ଅନୁରାଧା ରାଉଳ, ଝରଣା ସାମଲ, ଝୁନାରାଣୀ ବେହେରା, ଗୀତାରାଣୀ ବେହେରା,ସୁଦାମ ଗାଁଆଣ, ମନୋଜ ସାମଲ, ବିନୟ କେତନ ଜେନା,ପ୍ରତାପ ରାଉତ, ପ୍ରତାପରୁଦ୍ର ପାତ୍ର, ଉମେଶ ବେହେରା, ଚନ୍ଦନ ଦତ୍ତଙ୍କ ସମେତ ଦେବସେନାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ରାହୁଲଙ୍କ ଏଭଳି ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୦୬/୭ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ନାବାଳକ ନ୍ୟାୟ (ସି.ପି.ସି) ଏବଂ ବାଧ୍ୟତାମୂଳକ ଶିକ୍ଷାକାର୍ଯ୍ୟ କରିବାର ଅଧିକାର ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ, ଚୁନିଦା, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମରେ ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ, ଡ଼ଃ ତାପସ କୁମାର ମହାନ୍ତି, ସହାୟକ, ଜନ ଅଭିରକ୍ଷକ ସଦସ୍ୟ, ଭଦ୍ରକ, ସୁବ୍ରତ କୁମାର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ୍ ପ୍ରୋଜେସନ୍ ଅଧିକାରୀ, ବନମାଳୀ ଜେନା, ସଦସ୍ୟ କିଶୋର ନ୍ୟାୟ, ଭଦ୍ରକ, ଭୀମ ଚରଣ ପରିଡ଼ା, ପ୍ରଧାନ ଶିକ୍ଷକ, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ, ଚୁନିଦା, ଭଦ୍ରକ ତଥା ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋର ନ୍ୟାୟ ସଂପର୍କିତ ତଥ୍ୟ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ ତତ୍ ସହିତ ବାଧ୍ୟତାମୂଳକ ଶିକ୍ଷା କାର୍ଯ୍ୟକରିବାର ଅଧିକାର ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ପ୍ରତ୍ୟେକ କାର୍ଯ୍ୟର ଆଇନ୍‌ର ଭୂମିକା ଉପରେ ମଧ୍ୟ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ୭୫ତମ ବନମହୋତ୍ସବ ସପ୍ତାହ ପାଳନ



ନିଳଗିରି , ୦୬/୭ (ନି.ପ୍ର): ୭୫ତମ ବନମହୋତ୍ସବ ପାଳନ ଅବସରରେ ଡିଭାଇନ୍ ଟ୍ରଷ୍ଟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ଦିନ ସକାଳ ପ୍ରାୟ ୭.୩୦ମିନିଟ୍ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ନିଳଗିରି ରେଞ୍ଜର ଆୟୀସା ନିଶା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସଜନାଗଡ ସ୍ଥିତ କୁସୁମିଆ ଗ୍ରାମରେ ମାଡ଼ାମ୍‌ଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମରେ ରତ୍ନାକର ଟାଉନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବନ ଧାରଣ ଅସମ୍ଭବ ବୋଲି ନିଜ ଅଭିଭାଷଣରେ ଛାତ୍ର ଛାତ୍ରୀ ମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅନୁରୁପଭାବେ ରେଞ୍ଜର ମାଡ଼ାମ୍ ବନମହୋତ୍ସବ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଥିବା ୨୫୦ଜଣ ଛାତ୍ରଛାତ୍ରୀ ମାନେ ନିଜନିଜ ବାଡ଼ିରେ ୫ଟି କରି ଗଛ ରୋପଣ କରିଛନ୍ତି। ପରେ ଏକ ପଦ ଜାଗରଣ ଯାତ୍ରା ଡିଭାଇନ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିଲା। ଟ୍ରଷ୍ଟ ର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସୁଭଦ୍ରା ଯୋଜନାର ଶୁଭାରମ୍ଭ ପୂର୍ବରୁ ଗ୍ରାମାଞ୍ଚଳରେ ଲୋକଙ୍କୁ ଠକୁଛନ୍ତି ଦଲାଲ

ଜଳେଶ୍ୱର , ୦୬/୭ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଆସିବା ପରେ ନିର୍ବାଚନୀ ଇସ୍ତାହାର ମୁତାବକ ସୁଭଦ୍ର ଯୋଜନା ଲାଗୁ କରିବା ପାଇଁ ଖସଡା ପ୍ରସ୍ତୁତ କରୁଥିବା ବେଳେ ଗ୍ରାମାଞ୍ଚଳରେ କିଛି ଦଲାଲ ଓ ଜନସେବାକେନ୍ଦ୍ର ଲୋକଙ୍କୁ ଭ୍ରମିତ କରି ଟଙ୍କା ଆଦାୟ କରୁଥିବା ଜଣାଯାଇଛି । ବିବାହିତ ମହିଳା ମାନଙ୍କୁ ସୁଭଦ୍ର ଯୋଜନାରେ ଅନ୍ତର୍ଭୁକ୍ତ କରାଇଦେବା ଓ ଏଥିଲାଗି ଆବଶ୍ୟକ ସରକାର କାଗଜପତ୍ର ତହସିଲରୁ ବାହାର କରାଇଦେବା ନାମରେ ଟଙ୍କା ଆଦାୟ କରୁଥିବା ଜଣାଯାଇଛି । ମହିଳା ମାନଙ୍କୁ ରୋଜଗାର ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପାତ୍ର ଓ ଜାତି ପ୍ରମାଣପତ୍ର ବାହାର କରାଇଦେବା ନାମରେ ଫୋନ କରି ସେମାନଙ୍କୁ ଜନସେବା କେନ୍ଦ୍ରକୁ ଟଙ୍କା ଧରି ଆସିବାକୁ ପ୍ରବର୍ତ୍ତାଉଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆମ୍ବଳିଅଠା ଛକ ନିକଟରେ ଏକ ଜନସେବା କେନ୍ଦ୍ରରୁ ବାରମ୍ବାର ଜନୈକ ମହିଳାଙ୍କୁ ଫୋନକଲ କରି ସୁଭଦ୍ର ଯୋଜନା ଆରମ୍ଭ ହୋଇଯାଇଛି ଓ ଶୀଘ୍ର ଆସି ଡକୁମେଣ୍ଟ ବାହାର କରିବାଲାଗି ଟଙ୍କା ଦେବାକୁ କୁହାଯାଉଥିବାର ଦେଖିବାକୁ ମିଳିଛି । ଏପରିକି ବହୁ ମହିଳାଙ୍କୁ ଏ ସଂପର୍କରେ ଭ୍ରମିତ କରାଯାଉଥିବା ଅଭିଯୋଗ ହୋଇଛି । ଏକ ସୂଚନା ଅନୁଯାୟୀ ପ୍ରତିଦିନ ଜଳେଶ୍ୱର ତହସିଲକୁ ହଜାର ହଜାର ଇନ୍‌କମ୍, ରେସିଡେଣ୍ଟ ସାର୍ଟିଫିକେଟ ବାହାର କରିବାଲାଗି ଦରଖାସ୍ତ ଆସୁଥିବାବେଳେ ଅଦ୍ୟାବଧି ୭ହଜାରରୁ ଉର୍ଦ୍ଧ୍ୱ ଦରଖାସ୍ତ ଆସିଥିବା ଦେଖିବାକୁ ମିଳିଛି । ଏଥିରେ କେତେକ ଦଲାଲ ସକ୍ରିୟ ଥିବା ଜଣାଯାଇଛି । ତେଣୁ ସ୍ଥାନୀୟ ପୁଲିସ୍ ଓ ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

# କୃଷକ ସଂଗଠନ ସଂଯୋଗିକରଣ କର୍ମଶାଳା



ଉଦଳା , ୦୬/୭ (ନି.ପ୍ର): ଜିଲ୍ଲା ସ୍ତରୀୟ କୃଷକ ସଂଗଠନ ସଂଯୋଗିକରଣ କର୍ମଶାଳା ଚଳିତ ଜୁଲାଇ ୪ ତାରିଖ ଗୁରୁବାର ଦିନ ବାରିପଦା ଠାରେ ଅନୁଷ୍ଠିତ ହୋଇ ଯାଇଛି । ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ଓ 'ଦୁଲାଲ' ମିଳିତ ଭାବରେ ଉକ୍ତ କର୍ମଶାଳା ଆୟୋଜନର ଦାୟିତ୍ୱ ନେଇଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନ ସହଯୋଗର ହାତ ବଢ଼ାଇଥିଲେ । ଉଦ୍ୟାନ କୃଷି ବିଭାଗର ଜିଲ୍ଲା ସହକାରୀ ନିର୍ଦ୍ଦେଶକ ସୁଶାନ୍ତ ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃଷକ ସଂଗଠନର ଦକ୍ଷତା ବୃଦ୍ଧି, ଭିତିଭୂମିର ବିକାଶ, ଡ଼ିଜିଟାଲ ମାର୍କେଟିଂ ସଂପର୍କରେ ଅବଗତ କରାଇଥିଲେ । ଉଦଳାର ଶିଳ୍ପ ପ୍ରସାହନ ଅଧିକାରୀ ମନୋରଂଜନ ପାତ୍ର ଶିଳ୍ପ ଉଦ୍ୟୋଗିଙ୍କ ବିକାଶ ନିମନ୍ତେ କେନ୍ଦ୍ରସରକାରଙ୍କ ଯୋଜନା ସଂପର୍କରେ ଜଣାଇଥିଲେ । ଶୋଭାର ସଂପାଦକ ରଂଜନ କୁମାର ମିଶ୍ର କୃଷକ ସଂଗଠନ ମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଦ୍ରବ୍ୟ ଗୁଡ଼ିକ ଜାତୀୟ ଓ ଆନ୍ତର୍ଜାତିୟ ବଜାରରେ କିପରି ଉପଲବ୍ଧ ହେବ ସେ ସମ୍ପର୍କରେ ନିଜର ମତ ରଖିଥିଲେ । ରିଲାଏନ୍ସ ଫାଉଣ୍ଡେସନର କାର୍ଯ୍ୟକ୍ରମ ଅଧିକାରୀ ପ୍ରିତି ଫୁଲମଣି ମୟୂରଭଂଜରେ କାର୍ଯ୍ରକାରି ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପ ସଂଯୋଜକ ସତ୍ୟବ୍ରତ ଆଚାର୍ଯ୍ୟ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଳା, କପ୍ତିପଦା, ଶ୍ୟାମାଖୁଂଟା, ବାଙ୍ଗିରିପୋଷି, କୁଳିଅଣା, ସାରସକଣା ଓ ଶୁଳିଆପଦା ବ୍ଲକର କୃଷକ ମାନେ ଏଥିରେ ଯୋଗ ଦେଇଥିଲେ ।

# ନୂଆବଜାର-ବଡବଜାର ଲେଭେଲକ୍ରସିଂ ଫାଟକ ଖୋଲିବା ଲାଗି ସାଂସଦଙ୍କୁ ଦାବିପତ୍ର



ଜଳେଶ୍ୱର ୬/୭ (ନିପ୍ର) : ଜଳେଶ୍ୱର ସହର ମଧ୍ୟଦେଇ ଯାଇ ଥିବା ରେଳ ଏଲ.ସି ୪୫ ଫାଟକଟି ରେଳ ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି । ଏହା ଉପରେ ଉଡନ୍ତା ପୋଲ ନିର୍ମାଣ ପରେ ସଂପୂର୍ଣ୍ଣଭାବେ ବନ୍ଦ କରାଯାଇଥିବାରୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗେଟ୍‌ର ଉଭୟ ପାର୍ଶ୍ୱରେ ସ୍କୁଲ, କଲେଜ, ପେଟ୍ରୋଲ ପମ୍ପ, ଡାକ୍ତରଖାନା, ତହସିଲ ଇତ୍ୟାଦି ରହିଥିବାରୁ ସ୍ଥାନୀୟ ଲୋକେ ଉଡନ୍ତା ପୋଲ ଦେଇ ଯିବା ସମ୍ଭବ ହୋଇ ପାରୁନାହିଁ । ଉଡନ୍ତା ପୋଲ ଉପରେ ଲାଇଟ ଲଗାଯାଇନଥିବାରୁ ସଂଧ୍ୟାପରେ ପୋଲଟି ସଂପୂର୍ଣ୍ଣ ଅନ୍ଧକାରରେ ରହୁଛି ଫଳରେ ମହିଳା, ବୃଦ୍ଧ ପଥଚାରୀ ନିଜକୁ ଯିବା ଆସିବାରେ ସୁରକ୍ଷିତ ମଣୁ ନାହାନ୍ତି । ଆଜି ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପୌରହିତ୍ୱରେ ଜଳେଶ୍ୱର ପୌରସଭାର ୧୦୮ତମ କାଉନ୍‌ସିଲ ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉପସ୍ଥିତ ଥିବା ବେଳେ ୧୧ନଂ ଓ୍ୱାର୍ଡ କାଉନସିଲର ସୁଷମା କର ଫାଟକ ଖୋଲାଯିବାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର ଓ ଉପପୌରପାଳ ପୁଷ୍ପପ୍ରିୟା କାମିଲା ଓ କେତେକ କାଉନ୍‌ସିଲର ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ 'ସବୁଜ ସଂକଳ୍ପ' କାର୍ଯ୍ୟକ୍ରମ

ବଡ଼ସାହି , ୦୬/୭ (ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧିନରେ ଥିବା ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ) ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ମାନଙ୍କ ମନରେ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ଏବଂ ଏହାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରକଳ୍ପ କାର୍ଯ୍ୟାଳୟରେ ଥିବା ଡିଜିଟାଲ ଷ୍ଟୁଡ଼ିଓ ରେ ୭୫ ତମ ବନ ମହୋତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ ଯୋଗଦାନ କରି ମୟୁରଭଞ୍ଜ ଜିଲ୍ଲା ବିଶ୍ୱ ତାପନରେ ବିଶ୍ୱରେ ରେକର୍ଡ ସୃଷ୍ଟି କରି ଥିବାରୁ ଏହି ବିପଦରୁ ରକ୍ଷା ପାଇବା ପାଇଁ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷ ରୋପଣ କରିବା ପରାମର୍ଶ ଦେଇ ଥିଲେ । ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ନଷ୍ଟ ହୋଇ ଥିବା ଜଙ୍ଗଲକୁ ଭରଣା କରିବା ପାଇଁ ଏବଂ ବିଶ୍ୱ ତାପନ ତଥା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଚଉଦିଗରେ ସବୁଜିମା ଭରି ଦେବା ଏକ ମାତ୍ର ବିକଳ୍ପ ବୋଲି କହିଥିଲେ । ଅଧ୍ୟକ୍ଷୀୟ ଭାଷଣ ପ୍ରଦାନ କରି ଶ୍ରୀଯୁକ୍ତ ସେଠୀ ମୟୁରଭଞ୍ଜ ଜିଲ୍ଲାର ସବୁ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କରି ଏହାର ସୁରକ୍ଷା ପାଇଁ 'ସବୁଜ ସଂକଳ୍ପ' ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଏକ ସ୍ୱ ରଚିତ କବିତା ପାଠ କରି ସମସ୍ତଙ୍କ ମନରେ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ ଜିଲ୍ଲାଶିକ୍ଷା ଅଧିକାରୀ ଚିଠି ନମ୍ବର ୧୭୯୨ ତାରିଖ ୧.୦୭.୨୦୨୪ ରେ ଜିଲ୍ଲାର ସବୁ ବିଦ୍ୟାଳୟରେ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନ ମହୋତ୍ସବ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ । ଧନ୍ୟବାଦ ଅର୍ପଣ କରିଥିଲେ ଏମ ଆଇ ଏସ ସଂଯୋଜକ ସୁବ୍ରତ କୁମାର ପଣ୍ଡା । ଏଥିରେ ସହଯୋଗ କରିଥିଲେ ପେଡାଗୋଜି ସଂଯୋଜିକା ଶୈଳବାଳା ବେହେରା,ଅଶ୍ୱିନୀ କୁମାର ସିଂହ ଏବଂ ପବନ କୁମାର ସାହୁ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ

ବାରିପଦା, ୦୬/୭ (ନି.ପ୍ର): ସାରା ଦେଶ ୭୫ତମ ବନ ମହୋତ୍ସବ ପାଳନ କରୁଥିବା ବେଳେ, ଓଡିଶାର ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ ଶୁକ୍ରବାର ଦିନ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବନଖଣ୍ଡ ବିଭାଗ ଦ୍ୱାରା ବାରିପଦାର ଗୋବର୍ଧନଖୋଲସ୍ଥ ସ୍ମୃତିବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ(ଭା. ପ୍ର.ସେ.) ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳ, ଶିମିଳିପାଳ ବନଖଣ୍ଡ ବିଭାଗ ଉପ-ନିର୍ଦ୍ଦେଶକ, ବିଭାଗୀୟ ଜଙ୍ଗଲ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ମିଶନ ଶିମିଳିପାଳ ଏବଂ ମୟୂରଭଞ୍ଜ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରା ଅଂଚଳରେ ବୃକ୍ଷର ଆବଶ୍ୟକ ଯେତିକି ବନ୍ୟପ୍ରାଣୀଙ୍କ ର ଆବଶ୍ୟକ ମଧ୍ୟ ସେତିକି। ଏଣୁ ସରକାରଙ୍କର ଯେଉଁ 'ମାଆ ପାଇଁ ଗଛ ଟିଏ' ବା ଏକ ପେଡ ମା କେ ନାମ' ଏହି ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଆମେ ସଦା ସର୍ବଦା ଚେଷ୍ଟିତ ରହିବା ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ପ୍ରକୃତି ମିତ୍ର ତଥା ବନ ସୁରକ୍ଷା ସମିତି ଓ ଇକୋ-ଡେଭଲପମେଣ୍ଟ କମିଟି ମାନଙ୍କୁ ଉପଖଣ୍ଡ ସ୍ତରୀୟ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ଶିମିଳିପାଳ (ଉତ୍ତର) ଉପ-ନିର୍ଦ୍ଦେଶକ, ଶ୍ରୀ ସାଇ କିରଣ, ଶିମିଳିପାଳ (ଦକ୍ଷିଣ) ଉପ-ନିର୍ଦ୍ଦେଶକ, ଶ୍ରୀ ସମ୍ରାଟ ଗୌଡା, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ସେଠି ପ୍ରମୁଖ ଯୋଗ ଦେଇଥିବା ବେଳେ, ବାରିପଦା ବନଖଣ୍ଡ ବିଭାଗୀୟ ଅଧିକାରୀ ଶ୍ରୀ ଏ. ଉମା ମହେଶ ଉପସ୍ଥିତ ସମସ୍ତଙ୍କୁ ବନମହୋତ୍ସବର ଶପଥ ପାଠ କରାଇଥିଲେ। ଏହି ସଭାରେ ମଂଚ ପରିଚାଳନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି କରିଥିବା ବେଳେ ସହକାରୀ ବନ ସଂରକ୍ଷଣକାରୀ, ବାରିପଦା ଶ୍ରୀ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଜାତିର ଅସ୍ମିତା ଓ ଆବେଗକୁ ବୁଝିବାକୁ ହେଲେ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀକୁ ବୁଝିବାକୁ ହେବ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୬/୭ (ନି.ପ୍ର): ତ୍ୟାଗ, ସେବା, ସ୍ୱାଭିମାନ, ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ । ଓଡ଼ିଆ ଜାତିର ଅସ୍ମିତା ଓ ଆବେଗକୁ ବୁଝିବାକୁ ହେଲେ ତାଙ୍କର ଜୀବନ କାହାଣୀକୁ ବୁଝିବା ପାଇଁ ହେବ ବୋଲି ଶନିବାର ଭୁବନେଶ୍ୱର ଠାରେ "ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧୋତ୍ସବ"ରେ ମାନ୍ୟବର ରାଷ୍ଟ୍ରପତିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକସେବକ ମଣ୍ଡଳ ଓ ଦୈନିକ ସମାଜ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ କହିଛନ୍ତି ଯେ ପଣ୍ଡିତ ଗୋପବନ୍ଧୁ



ଏପରି ଜଣେ ମହାନାୟକ ଓ ଦିଗଦର୍ଶକ ଥିଲେ, ଯେ ନିଜର ଲେଖା ମାଧ୍ୟମରେ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ ଜାତିକୁ ପ୍ରେରିତ କରିଆସୁଛନ୍ତି । ପଣ୍ଡିତ ଗୋପବନ୍ଧୁ ବାଲ୍ୟକାଳରୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସର୍ବସ୍ୱ ସମାଜକୁ ସମର୍ପିତ କରିଥିଲେ । ଭାରତବର୍ଷରେ ଏଭଳି ବ୍ୟକ୍ତିଙ୍କ ଜ୍ୱଳନ୍ତ ଉଦାହରଣ ବହୁତ କମ ଦେଖିବାକୁ ମିଳେ । ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ଗଠନରେ ପଣ୍ଡିତଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଥିଲା ଅତୁଳନୀୟ । ଆସନ୍ତା ପ୍ରାୟ ୧୨ ବର୍ଷ ପରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ଆଉ ପ୍ରାୟ ୨୩ ବର୍ଷ ପରେ ୨୦୪୭ରେ ଦେଶ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ । ପଣ୍ଡିତ ଗୋପବନ୍ଧୁଙ୍କ ପରି ଓଡ଼ିଆ ଜନଜୀବନରେ ଉପଲବ୍ଧି କରିଥିବା ଅନେକ ବ୍ୟକ୍ତିତ୍ୱଙ୍କ ଇତିହାସ ସେହି ତୁଳନାରେ ପରିପ୍ରକାଶ ହୋଇପାରିନାହିଁ । ୨୦୩୬ର ନୂଆ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଭାରତର ଲକ୍ଷ୍ୟରେ ଆମେ ଅଗ୍ରସର ହେଉଥିବା ବେଳେ ପଣ୍ଡିତ ଗୋପବନ୍ଧୁଙ୍କ ପରି ଅମୂଲ୍ୟ ବ୍ୟକ୍ତିମାନଙ୍କ ବୌଦ୍ଧିକ ସମ୍ପଦ ଓ ମୂଲ୍ୟବୋଧକୁ ପୁନଃସ୍ଥାପିତ କରିବା । ସମୟ ଅନୁସାରେ ଓଡ଼ିଆ ଜାତି ନିଜର ଅସ୍ତିତ୍ୱକୁ ପୁନଃସ୍ଥାପିତ କରୁ, ଏହା ଆଜିର ସଂକଳ୍ପନା ହେଉ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପଣ୍ଡିତ ଗୋପବନ୍ଧୁଙ୍କ ସ୍ମୃତିରେ ସ୍ମରଣିକା 'ଶ୍ରାଦ୍ଧସଂଖ୍ୟା' ମଧ୍ୟ ଉନ୍ମୋଚିତ ହୋଇଯାଇଛି ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଓୟୁଜେର ବିନମ୍ର ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୦୬/୭ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦାୟଦ ଭାବେ ସମାଜର ଅବହେଳିତ ଜନତାଙ୍କ ସର୍ବନିମ୍ନ ସମସ୍ୟା ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ସେମାନଙ୍କ ମୁହଁରେ ହସ ଫୁଟେଇ ପାରିଲେ ତାହାହିଁ ହେବ ସାମ୍ବାଦିକ ମାନଙ୍କର ଗୋପବନ୍ଧୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମତବ୍ୟକ୍ତ କରିଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଅବସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆୟୋଜିତ ମାଲ୍ୟାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ କହିଲେ ଯେ, ଗରୀବ, ଅସହାୟ,ନିଷ୍ପେସିତ, ବିଭୁକ୍ଷୁ ଜନତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଗୋପବନ୍ଧୁ ସମାଜ ଖବର କାଗଜ ପ୍ରତିଷ୍ଠା କରିଥିଲେ। ଆଜିର ସାମ୍ବାଦିକ ମାନେ ତାଙ୍କ ପଦାଙ୍କ ଅନୁସରଣ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ କରାଯାଇଥିବା ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଧାୟକ ସୁଭାଷିନୀ ଜେନା, ମାନସ କୁମାର ଦତ୍ତ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଂଘର ବରିଷ୍ଠ ସଦସ୍ୟ, ରବୀନ୍ଦ୍ର ମହାକୁଡ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ହାଇଦର ଖାନ, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଲୋକନାଥ ପିରୀ, ଦେବବ୍ରତ ପାଣିଗ୍ରାହୀ, ଅଜୀମ ବାଲେଶ୍ୱରୀ କଞ୍ଚମଣି ସ୍ୱାଇଁ, ବିନାୟକ ମହାପାତ୍ର, ଅରୂପ କୁମାର ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଗିରିଶଚନ୍ଦ୍ର ଦାସ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ, କିଶୋର ଚନ୍ଦ୍ର ଦାସ, ରମାକାନ୍ତ ନାୟକ, କେଶବ ଚନ୍ଦ୍ର ଆଚାର୍ଯ୍ୟ ଶୁଭଙ୍କର ମହାପାତ୍ର, କାଳୀପଦ ପଣ୍ଡା,ସଲିମ୍ ରାଜା, ମମତା ମହାପାତ୍ର, ଅନୁପମ ପ୍ରହରାଜଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରେ ଯୋଗଦେଇ ଉତ୍ସାହିତ କରାଇଥିଲେ।




# ବିଜେପି ପକ୍ଷରୁ ବାଲିଆପାଳରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ପାଳିତ




ଲଙ୍ଗଳେଶ୍ୱର, ୦୬/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବା ସହିତ ବୃକ୍ଷ ରୋପଣ କରାଯାଇଥିଲା। ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ଜନସଂଘର ପ୍ରତିଷ୍ଠାତା ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପାଇଁ ଆନ୍ଦୋଳନ କରିବା ସହିତ କାଶ୍ମୀରକୁ ପ୍ରବେଶ କରିବା ବେଳେ ୧୯୫୨ ମସିହାରେ ଗିରଫ ହୋଇଥିଲେ। ଏବଂ କାଶ୍ମୀର ଜେଲରେ ଥିବାବେଳେ ୧୯୫୩ ମସିହା ଜୁନ ୨୩ ତାରିଖରେ ଜେଲରେ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ଜନସଂଘରୁ ୧୯୮୦ ମସିହାରେ ବିଜେପି ସୃଷ୍ଟି ଭିହୋଇଥିଲା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ଚନ୍ଦ୍ର ଗିରି, ସଞ୍ଜୀବ କୁମାର ପାଢୀ, ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ,ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ,ମନ୍ମଥ ପାତ୍ର, ଅଦୈତ୍ୟ ବାଗ, ମନୋଜ ସି, ଖିତିଶ କୁମାର ଜେନା, ସତ୍ୟରଞ୍ଜନ ମଣ୍ଡଳ, ରବୀନ୍ଦ୍ର ଜେନା, ନାରାୟଣ ପଣ୍ଡା, ଭୃଗୁରାମ ବିଶ୍ୱାଳ, ସୁଦାମ ଚରଣ ଦାସ, ହିମାଂଶୁ କୁହ୍ଲାରୀ,ସିଲୁ ନନ୍ଦ ପ୍ରମୁଖ ଯୋଗଦେଇଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେଶ ପାଇଁ ଅବଦାନ ବିଷୟରେ ଆଲୋଚନା କରି ବକ୍ତବ୍ୟ ପ୍ରଦଶନ କରିଥିଲେ।ଶେଷରେ ଉତ୍ତମ କୁମାର ପିଳା ଧନ୍ୟବାଦ ଦେଇଥିଲେ। ଭାରତର ଯଶଶୀ ପ୍ରଧାନ ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଦେଶ ପାଇଁ ମାଆଙ୍କ ନାମରେ ଗୋଟିଏ ଗଛ ଲଗାଇବା କାର୍ଯ୍ୟକ୍ରମ କରାଯିବା ସହିତ ସମସ୍ତେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଶପଥ ନେଇଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ 'ବନମହୋତ୍ସବ' ସପ୍ତାହ ପାଳନ

ଭଦ୍ରକ, ୦୬/୭ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ବାଗୁରାଇ, ଭଦ୍ରକ ଠାରେ ବୃକ୍ଷରୋପଣ କରାଯାଇ ବନମହୋତ୍ସବ ସପ୍ତାହ ପାଳନ କରାଯାଇଅଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ବୃନ୍ଦ ତଥା ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ ଗଣ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ତଥା ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ, ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମସ୍ତ କର୍ମୀ, ପେନାଲ୍ ଓକିଲ, ପି.ଏଲ୍.ଭି ତଥା ଏଲ୍.ଏ.ଡ଼ି.ସ୍.ଏସ୍ ର ସମସ୍ତ ସଦସ୍ୟ ଗଣ ଯୋଗଦେଇ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଜଳବାୟୁ ପରିବର୍ତ୍ତନରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ, ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗଛ ଲଗାଇ ତାର ଯତ୍ନ ନେଇ ପାରିଲେ ବନମହୋତ୍ସବ ପାଳନର ସାର୍ଥକତା ହୋଇପାରିବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo